ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 MAY 2023

Vol.No. 34 ■ No. 127 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ମୋର ସିଦ୍ଧରମେୟାଙ୍କ ସହ କୌଣସି ମତଭେଦ ନାହିଁ: ଡିକେ ଶିବକୁମାର



ନୂଆଦିଲ୍ଲୀ,୧୪/୦୫ : କର୍ଣ୍ଣାଟକରେ କଂଗ୍ରେସର ବଡ ବିଜୟ ପରେ ମୁଖ୍ୟମନ୍ତ୍ରୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। କର୍ଣ୍ଣାଟକ ବିଜୟ ପାଇଁ କଂଗ୍ରେସ ଉତ୍ସବ ମନାଉଥିବା ବେଳେ ଦୁଇ ପ୍ରମୁଖ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଓ କଂଗ୍ରେସ ରାଜ୍ୟ ସଭାପତି ଡିକେ ଶିବକୁମାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିଛି- କିଏ ହେବ ରାଜ୍ୟର ମୁଖ୍ୟମନ୍ତ୍ରୀ। ଉଭୟ ନେତାଙ୍କର ମୁଖ୍ୟମନ୍ତ୍ରୀ ହେବାର ଉଚ୍ଚାଭିଳାଷ ରହିଛି। ଗତକାଲି ୬୧ ବର୍ଷୀୟ ଶିବକୁମାର କହିଥିଲେ ଯେ ସେ ଗାନ୍ଧି ପରିବାରକୁ ଦଳକୁ ବିଜୟୀ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଦେଲା ପରେ ସେ ତିନିବର୍ଷ ଶୋଇ ନ ଥିବା ପ୍ରକାଶ କରିଛନ୍ତି। ସୋନିଆ ଗାନ୍ଧି ତାଙ୍କୁ ଜେଲରେ ଭେଟିବା କଥା ସେ ଭୁଲିପାରିବେ ନାହିଁ ବୋଲି କହି ଶିବକୁମାର ଭାବପ୍ରବଣ ହୋଇଯାଇଥିଲେ।

ଅନ୍ୟପଟେ ୭୫ ବର୍ଷୀୟ ସିଦ୍ଧରମେୟା ବାରମ୍ବାର କହି ଆସୁଛନ୍ତି ଯେ, ଏହା ହେଉଛି ତାଙ୍କ ଜୀବନର ଶେଷ ନିର୍ବାଚନ। କଂଗ୍ରେସ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବ ବୋଲି ସେ ଆଶା ରଖିଛନ୍ତି। ରାଜ୍ୟ ହିତରେ ତାଙ୍କ ବାପା ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ସିଦ୍ଧରମେୟାଙ୍କ ପୁଅ ୟତୀନ୍ଦ୍ର ସିଦ୍ଧରମେୟା ମଧ୍ୟ କହିଛନ୍ତି। ସେ ମୁଖ୍ୟମନ୍ତ୍ରୀ ହେଲେ ବିଜେପିର କୁଶାସନ ଓ ଦୁର୍ନୀତି ଦୂର କରିପାରିବେ ବୋଲି ୟତୀନ୍ଦ୍ର କହିଛନ୍ତି। ▶▶ପୃଷ୍ଠା ୭

ଗୁରୁବାର ଶପଥ ଗ୍ରହଣ କରିବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

ବେଙ୍ଗାଲୁର,୧୪/୦୫ : ଗୁରୁବାର ଦିନ କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ ଶପଥ ଗ୍ରହଣ କରିବେ। କଂଗ୍ରେସ କାହାକୁ ଦାୟିତ୍ୱ ଦେବ, ତାହା ସ୍ପଷ୍ଟ ହୋଇନଥିଲେ ବି ଗୁରୁବାର ଦିନ ଶପଥ ଗ୍ରହଣ ସମାରୋହ ହେବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ପରିବାର ସହ ଜାତୀୟ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ଯୋଗଦେବେ। ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କଂଗ୍ରେସ ସମଭାବାପନ୍ନ ଦଳକୁ ନିମନ୍ତ୍ରଣ ପଠାଇଥିବା କୁହାଯାଉଛି। ତେବେ ଆଜି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନ ପାଇଁ କଂଗ୍ରେସ ତିନିଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛି। କଂଗ୍ରେସ ନିଯୁକ୍ତ କରିଥିବା ତିନିଜଣ ପର୍ଯ୍ୟବେକ୍ଷକ ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଧେ, ପୂର୍ବତନ ସାଧାରଣ ସମ୍ପାଦକ ଦୀପକ ବାଓ୍ୱରିଆ ଏବଂ ବର୍ତ୍ତମାନର ସାଧାରଣ ସମ୍ପାଦକ ଭଓ୍ୱର ଜିତେନ୍ଦ୍ର ସିଂ। ପର୍ଯ୍ୟବେକ୍ଷକ ନିଯୁକ୍ତ କରିବା ସହ କଂଗ୍ରେସ ଆଜି ବେଙ୍ଗାଲୁରୁରେ ନୂତନ ନିର୍ବାଚିତ ବିଧାୟକଙ୍କ ଏକ ବୈଠକ ଡ଼କାଇଛି । ଏହି ବୈଠକରେ ଉପସ୍ଥିତ ରହି ପର୍ଯ୍ୟବେକ୍ଷକମାନେ ବିଧାୟକଙ୍କଠାରୁ ମତ ନେବେ ଓ ଦଳର ହାଇକମାଣ୍ଡଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

ପାକିସ୍ତାନ ଏଜେଣ୍ଟକୁ ଓଟିପି ସେୟାର କରିବା ଘଟଣା: ୩ ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ସିମ୍ ଓଡ଼ିଶାର, କିନ୍ତୁ କାମ କରୁଥିଲା ପାକିସ୍ତାନରେ। ସିମ୍ ଓଡ଼ିଆ ଲୋକଙ୍କ ନାଁରେ କିଣା ହେଉଥିଲା। ଆଉ ବ୍ୟବହାର କରୁଥିଲେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଓଝଓ ଏଜେଣ୍ଟ। ଏମିତି ଜଘନ୍ୟ ଦେଶ ବିରୋଧୀ କାମ କରି ବନ୍ଧା ହୋଇଛନ୍ତି ୩ ଓଡ଼ିଆ। ସିମ୍ କାର୍ଡ ମାଧ୍ୟମରେ ଏକାଧିକ ଡଞ୍ଚ ଜେନେରେଟ୍ କରି ବିଭିନ୍ନ ଅପରାଧିକ ଓ ଅସମାଜିକ ସଂସ୍ଥାକୁ ବିକ୍ରି କରୁଥିଲେ। ଏହି ଘଟଣାରେ ଝଞ୍ଚର ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ୩ ଜଣଙ୍କ ଭିତରେ ଦୁଇଜଣ ନୟାଗଡ଼ରୁ ଥିବା ବେଳେ ଜଣେ ଯାଜପୁରର। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଓଞ୍ଚଓ ଶିକ୍ଷକ ଥିବା ଜଣା ପଡ଼ିଛି। ଝଞ୍ଚରର ସୂଚନା ଅନୁସାରେ ଏମାନେ ଅନ୍ୟମାନଙ୍କ ନାଁରେ ବିପୁଳ ପରିମାଣରେ ପ୍ରିଆକ୍ଟିଭ୍ ସିମ୍ କିଣୁଥିଲେ। ସେଥିରୁ ଡଞ୍ଚ ଜେନେରେଟ୍ କରି ଭାରତରେ ଥିବା ପାକିସ୍ତାନୀ ଏଜେଣ୍ଟଙ୍କୁ ବିକ୍ରି କରୁଥିଲେ। ଆଉ ତା' ବଦଳରେ ବିପୁଳ ଟଙ୍କା ରୋଜଗାର କରୁଥିଲେ। ଏହି ଓଟିପି ବ୍ୟବହାର କରି ଅପରାଧିକ ସଂସ୍ଥାଗୁଡିକ ହ୍ୱାଟସଆପ୍, ଫେସବୁକ୍, ଇନଷ୍ଟାଗ୍ରାମ ଭଳି ସୋସିଆଲ୍ ମିଡିଆ ଆକାଉଣ୍ଟ୍ ଚଲାଇବା ସହିତ ଅନଲାଇନ୍ ସପିଂ ମଧ୍ୟ କରୁଥିଲେ। ଖାଲି ସେତିକି ନୁହେଁ, ଦେଶ ବିରୋଧୀ ଷଡ଼ଯନ୍ତ୍ର ସାଙ୍ଗକୁ ହନିଟ୍ରାପ୍, ସେକ୍ସଟୋରେସନ ଭଳି କାମ ପାଇଁ ମଧ୍ୟ ଉସକାଉଥିଲେ। ଗିରଫ ଅଭିଯୁକ୍ତଙ୍କ ଠାରୁ ୧୯ଟି ଦାମୀ ମୋବାଇଲ, ୪୭ଟି ସିମ କାର୍ଡ, ୬୧ ଏଟିଏମ କାର୍ଡ଼ ଏବଂ ୨୩ଟି ସିମ କଭର ସହ ଲାପଟପ ଜବତ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଏସ୍‌ଟିଏଫ୍ ଆଇଜି ଜୟ ନାରାୟଣ ପଙ୍କଜ। ଆଶ୍ଚର୍ଯ୍ୟର କଥା ହେଲା ଫେକ୍ ସିମ୍ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ଟେଲିକମ୍ ଡିପାର୍ଟମେଣ୍ଟ୍ ନିକଟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି 'ଅସ୍ତ୍ର' ବ୍ୟବହାର କରି ସାରା ଦେଶରୁ ମୋଟ୍ ୩୦ ଲକ୍ଷ ସିମ୍ ରଦ୍ଦ କରିଥିଲା। ତା' ଭିତରେ ଓଡିଶାରୁ ପ୍ରାୟ ୫୨ ହଜାର ସିମ୍ ରଦ୍ଦ ହୋଇଥିବା ବେଳେ ୨୪୧୭ ସିମ୍ ବିକ୍ରେତାଙ୍କୁ ବ୍ଲାକ୍ ଲିଷ୍ଟେଡ୍ ମଧ୍ୟ କରାଯାଥିଲା। ତା' ସତ୍ତ୍ୱେ ମଧ୍ୟ ଅତି ସହଜରେ ଏମାନେ କେମିତି ପଠାଉଥିଲେ ଓଟିପି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦୀପାଳି ଦାସ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଝାରସୁଗୁଡ଼ାର ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସ ଆଜି ଭୁବନେଶ୍ୱର ଆସିବା ପରେ ନବୀନ ନିବାସରେ ପହଂଚି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଲୋକଙ୍କ ପାଇଁ ସମର୍ପିତ ହୋଇ କାମ କରିବାକୁ ଦୀପାଳିଙ୍କୁ ପରାମର୍ଶ ଦେଇଛନ୍ତି । ▶▶ପୃଷ୍ଠା ୭

ଲ୍ୟାଣ୍ଡଫଲ୍ କଲା ବାତ୍ୟା 'ମୋକା'

♦ବାଂଲାଦେଶ ଓ ମିଆଁମାର ଉପକୂଳରେ ପ୍ରବଳ ବର୍ଷା

♦ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ବତାସ ପ୍ରବାହ

ନୂଆଦିଲ୍ଲୀ, ୧୪/୦୫ (ନି.ପ୍ର): ଆଜି ଅପରାହ୍ଣରେ ଭୀଷଣ ସାମୁଦ୍ରିକ ବାତ୍ୟା 'ମୋକା' କକ୍ସ ବଜାର ନିକଟ ବାଂଲାଦେଶ ଏବଂ ଉତ୍ତର ମିଆଁମାର ଉପକୂଳରେ 'ଲ୍ୟାଣ୍ଡଫଲ୍' ବା ସ୍ଥଳଭାଗରେ ପ୍ରବେଶ କରିଥିବା କଥା ବିଭିନ୍ନ ଜାତୀୟସ୍ତରୀୟ ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ଏହାର ପ୍ରଭାବରେ ବାଂଲାଦେଶ ଓ ମିଆଁମାର ଉପକୂଳରେ ଅତି ପ୍ରବଳ ବର୍ଷା ସହିତ ଘଣ୍ଟା ପ୍ରତି ୨୦୦ କିଲୋମିଟର ବେଗରେ ବତାସ ପ୍ରବାହିତ ହେଉଛି। ଏଥିପାଇଁ ପୂର୍ବରୁ ବାଂଲାଦେଶ ପାଣିପାଗ ବିଶେଷଜ୍ଞମାନେ କକ୍ସ ବଜାର ସମୁଦ୍ରବନ୍ଦର, ଚଟ୍ଟଗ୍ରାମ ଏବଂ ପେରା ବନ୍ଦର ପ୍ରତି ସତର୍କ ସୂଚନା ଜାରି କରିଥିଲେ। ଆଜି ସକାଳେ ବାତ୍ୟା 'ମୋକା'ର ବାହ୍ୟ ଅଂଶ ମିଆଁମାରର ରାଖିନେ ପ୍ରଦେଶରେ ପ୍ରବେଶ କରିଥିଲା। ବାତ୍ୟାର କେନ୍ଦ୍ର ବା ମଧ୍ୟ ଅଂଶ ସିଦ୍ଧେ ଟାଉନ୍‌ସିପ୍‌ରେ ପଡ଼ିବ ବୋଲି ଆଶା କରାଯାଉଥିଲା। ସେଥିପାଇଁ ସେଠାକାର ୩ ଲକ୍ଷ ବାସିନ୍ଦାଙ୍କ ମଧ୍ୟରୁ ୪ ହଜାର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି। ସେଠାକାର ଉଚ୍ଚଭୂମିରେ ଅବସ୍ଥିତ ସୁଦୃଢ଼ କୋଠାଘରଗୁଡ଼ିକରେ ୨୦,୦୦୦ରୁ ଅଧିକ ଲୋକ ବାସ କରୁଛନ୍ତି। ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ଆଜି ସକାଳେ ବାଂଲାଦେଶର ଅଧିକାଂଶ ଅଞ୍ଚଳ ଖରାଟିଆ ଏବଂ ଆର୍ଦ୍ର ଥିଲା ବୋଲି ବାଂଲାଦେଶ ପାଣିପାଗ ବିଭାଗ ସୂଚନା ଦେଇଥିଲା। କିନ୍ତୁ, ପ୍ରବଳ ବର୍ଷା ହେଲେ ଚଟ୍ଟଗ୍ରାମ, କକ୍ସ ବଜାର ଏବଂ ରାଙ୍ଗାମାଟି, ବନ୍ଦରବନ ଏବଂ ଖାଗ୍ରାଛାରି ଭଳି ୩ଟି ପାହାଡ଼ିଆ ଜିଲ୍ଲାରେ ଭୂସ୍ଖଳନ ସଂଘଠିତ ହୋଇପାରେ ବୋଲି ବାଂଲାଦେଶ ସରକାରୀ କର୍ତ୍ତୃପକ୍ଷମାନେ କହିଛନ୍ତି।

ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ:୯୯.୪ % ମାର୍କ ସହ ଓଡ଼ିଶାରୁ ପ୍ରିୟଙ୍କା ଓ ବିଷ୍ଣୁ ଶ୍ରେଷ୍ଠ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେସନ (ଆଇସିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି। ଆଇସିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରିୟଙ୍କା ପରାସର ଓ ବିଷ୍ଣୁ ଶତପଥୀ ଟପ୍ପର ହୋଇଛନ୍ତି। ଉଭୟ ପ୍ରିୟଙ୍କା ଓ ବିଷ୍ଣୁ ୯୯.୪୦ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଉରକେଲାର ଦିଶା ଗୋୟଲ ରାଜ୍ୟର ଟପ୍ପର ହୋଇଛନ୍ତି। ସେ ଏହି ପରୀକ୍ଷାରେ ୯୮.୨୬ ପ୍ରତିଶତ ମାର୍କ ରଖିଛନ୍ତି। ଓଡ଼ିଶା ଟପର ହେଲା ପରେ ସୌଭାଗ୍ୟ ନଗର ବାସିନ୍ଦା ପ୍ରିୟଙ୍କା ପ୍ରିୟଙ୍କା ପରାଶର ଓ ତାଙ୍କ ପୁରା ପରିବାର ଏନେଇ ଖୁସି ଅଛନ୍ତି । ପ୍ରିୟଙ୍କା କହିଛନ୍ତି ଯେ କଠିନ ପରିଶ୍ରମ ସହ ଏକାଗ୍ରତା ରକ୍ଷା ଓ ଉତ୍ତମ ସାଙ୍ଗ ହିଁ ସଫଳତା ଆଣିବାରେ ସହାୟକ ହୁଏ । ▶▶ପୃଷ୍ଠା ୭

ଗ୍ୟାଙ୍ଗଷ୍ଟର ରହୁଥିବା ଜେଲରେ ବଢ଼ିବ ସୁରକ୍ଷା

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଗ୍ୟାଙ୍ଗଷ୍ଟର ରହୁଥିବା ଜେଲ ମାନଙ୍କରେ ସୁରକ୍ଷା ବଢାଯିବ । ଜେଲରେ କର୍ମଚାରୀ ବଡି କ୍ୟାମେରା ପିନ୍ଧିବେ । ଝାରପଡା ଓ ଚୌଦ୍ୱାର ପରେ ଆଉ ୭ଟି ଜେଲକୁ ବଡି କ୍ୟାମେରା ମିଳିବ । ପ୍ରଥମ ପର୍ଯ୍ୟାୟରେ ଝାରପଡା ଓ ଚୌଦ୍ୱାରକୁ ୨୦ଟି କ୍ୟାମେରା ମିଳିଥିଲା । ବ୍ରହ୍ମପୁର, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଝାରସୁଗୁଡା, ସୁନ୍ଦରଗଡ଼ ଓ କୋରାପୁଟରେ ଏଭଳି ବ୍ୟବସ୍ଥା କରାଯିବ । ଏହି ସୂଚନା ଦେଇଛନ୍ତି ଜେଲ୍ ଡିଜି ମନୋଜା ଛାବ୍ରା ।

ଆଜିଠୁ ରାଜ୍ୟରେ ପୁଣି ବଢ଼ିବ ତାତି

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଆଜିଠୁ ରାଜ୍ୟରେ ପୁଣି ବଢିବ ଦିନ ତାପମାତ୍ରା। ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୪ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।୧୫ ମଇରୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରୀ ରହିବ। ଯାହାର ପ୍ରଭାବରେ ୧୫ ତାରିଖରୁ ଆଭ୍ୟନ୍ତରିଣ ଓଡ଼ିଶାର କିଛି ଜିଲ୍ଲାରେ ତାପମାତ୍ରା ୪୫ ଡ଼ିଗ୍ରୀ ଛୁଇଁବାର ସମ୍ଭାବନା ରହିଛି । ଏନେଇ ୧୫ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଅନୁଗୁଳ ଏବଂ ୧୬ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ସୋନପୁର, ବଲାଙ୍ଗିର ଏବଂ ଅନୁଗୁଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବା ନେଇ ଚେତାବନୀ ଜାରୀ କରିଛି ପାଣିପାଗ ବିଭାଗ ।

ସିବିଆଇ ନିର୍ଦ୍ଦେଶକ ହେଲେ କର୍ଣ୍ଣାଟକ ଡିଜିପି:୧୯୮୬ ବ୍ୟାଚର ଆଇପିଏସ୍ ପ୍ରବୀଣ ସୁଦ୍

ନୂଆଦିଲ୍ଲୀ,୧୪/୦୫ : କର୍ଣ୍ଣାଟକ ଡିଜିପି ହେଲେ ସିବିଆଇ ଡାଇରେକ୍ଟର । ପୋଲିସ ଡିଜି ପ୍ରବୀଣ ସୁଦଙ୍କୁ ସିବିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରବୀଣ ସୁଦ୍ ହେଉଛନ୍ତି ୧୯୮୬ ବ୍ୟାଚର ଆଇପିଏସ ଅଫିସର । ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ ବା ସିବିଆଇ ନିର୍ଦ୍ଦେଶ ସୁବୋଧ କୁମାରଙ୍କ କାର୍ଯ୍ୟାକାଳ ଆସନ୍ତା ମେ' ୨୫ ତାରିଖରେ ଶେଷ ହେଉଛି । ସୁବୋଧଙ୍କ ସ୍ଥାନରେ ପ୍ରବୀଣଙ୍କୁ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। କର୍ଣ୍ଣାଟକ ରାଜନୈତିକ ସଂକଟ ସମୟରେ ପ୍ରବୀଣ କୁମାର ଚର୍ଚ୍ଚାକୁ ଆସିଥିଲେ । ବିଜେପି ସରକାର ଇସାରାରେ କାମ କରୁଥିବା କଂଗ୍ରେସ ନେତା ଡିକେ ଶିବକୁମାର ଅଭିଯୋଗ କରିଛନ୍ତି । ପ୍ରବୀଣଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରିଥିଲେ । ସିବିଆଇ ଚିଫ୍ ପାଇଁ ଶନିବାର ସିଲେକ୍ସନ କମିଟିର ମିଟିଂ ହୋଇଥିଲା । ଏଥିର ତିନି ଜଣ

ବରିଷ୍ଠ ଆଇପିଏସ ଅଧିକାରୀଙ୍କ ନାଁକୁ ସର୍ଟଲିଷ୍ଟ୍ କରାଯାଇଥିଲା । ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚିଫ୍ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଲୋକସଭାର ବିରୋଧି ଦଳ ନେତା ଉପସ୍ଥିତ ଥିଲେ । ପ୍ରବୀଣ ସୁଦଙ୍କ ବ୍ୟତୀତ ମଧ୍ୟପ୍ରଦେଶ ଡିଜିପି ସୁଧୀର ସାକ୍ସେନା ଏବଂ ବରିଷ୍ଠ ଆଇପିଏସ ଅଧିକାରୀ ତାଜ୍ ହାସନଙ୍କୁ ମଧ୍ୟ ଚୟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନର ୬୦ତମ ପୂର୍ତ୍ତି ବା ଡାଇମଣ୍ଡ ଜୁବୁଲି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

ଘର ଭିତରକୁ ପଶିଲା ଦ୍ରୁତଗାମୀ କାର: ମହିଳା ମୃତ, ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ବୌଦ୍ଧ, ୧୪/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲା ଦେଇ ଅତିକ୍ରମ କରିଥିବା ୫୭ ନଂ ଜାତୀୟ ରାଜପଥର ରାଧାନଗର ପଞ୍ଚାୟତ ଅନ୍ତର୍ଗତ ଲୁହୁରାଗଡ଼ିଆ ଛକ ନିକଟରେ ଏକ ଘର ଭିତରକୁ କାର ପଶି ଓଲଟି ଯାଇଛି । ଘଟଣା ସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ହେଲେ ସେହି ଗ୍ରାମର ପାନେଶ୍ୱରୀ ଧଳ । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି । ସୂଚନା ଅନୁଯାୟୀ, ଆଜି ଭୋର ସକାଳ ସମୟରେ ଭୁବନେଶ୍ୱରରୁ ବୌଦ୍ଧ ଅଭିମୁଖେ ଏକ ଇନୋଭା ଆସୁଥିବା ବେଳେ ହଠାତ ରାସ୍ତାରେ ଥିବା ଘର ଭିତରକୁ ପଶି ଜଣେ ମହିଳାଙ୍କୁ ଧକ୍କା ଦେଇ କାରଟି ଓଲଟିପଡ଼ି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଛି । ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମଟର ଅଟକି ରହିଛି । ଘଟଣାସ୍ଥଳରେ ବୌଦ୍ଧ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କାର ଚାଳକ ଫେରାର ଥିବା ଜଣାପଡ଼ିଛି ।

ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୪/୦୫ (ନି.ପ୍ର): ଅତିବଡି ଜଗନ୍ନାଥ ଦାଶ ପୁରସ୍କାର ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରାପ୍ତ ହେଇଥିବା ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ଙ୍କୁ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଶ୍ରୀ ଉଦ୍‌ଗାତାଙ୍କ ବାସଭବନରେ ସମ୍ବର୍ଦ୍ଧନା କରିଛନ୍ତି । ଶ୍ରୀ ଉଦ୍‌ଗାତାଙ୍କର ଏହି ସଫଳତା ରେ ସାରା ଓଡିଶାରୁ ଶୁଭେଚ୍ଛା ଓ ପ୍ରଶଂସା ସୁଅ ଛୁଟୁଛି । ବଲାଙ୍ଗିର ମାଟି ଆଜି ପଦ୍ମଶ୍ରୀ ଉଦ୍‌ଗାତାଙ୍କୁ ପାଇ ଗର୍ବ ଅନୁଭବ କରୁଛି । ଏହି ଅବସରରେ କବି ମଧୁସୁଦନ ନାୟକ, ପ୍ରଶାନ୍ତ ମହାକୁର ଆଦି ଉପସ୍ଥିତ ଥିଲେ ।

ମେ ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଭୀମପାହାଡ ମହୋତ୍ସବ: ଲୋଗୋ ଉନ୍ମୋଚିତ

ବଲାଙ୍ଗିର, ୧୪/୦୫ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଧୂମ୍‌ଧାମ୍‌ରେ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବ । ଆସନ୍ତା ମେ' ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଐତିହାସିକ ଭୀମପାହାଡର ପାଦଦେଶରେ ମହୋତ୍ସବ କମିଟି ତରଫରୁ ୯ମ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟବାହାରର କଳାକାରମାନେ ଆସି ତାଙ୍କର କଳାପ୍ରଦର୍ଶନ କରିବେ। ହଜାର ହଜାର ଲୋକଙ୍କ ସମାଗମ ହେବ । ୪ଦିନ ଧରି ଭୀମପାହାଡର ମଂଚ ଦୁଲୁକିବ । ଆଜି ମହୋତ୍ସବ କମିଟି ତରଫରୁ ବଲାଙ୍ଗିର ସାମ୍ବାଦିକ ଭବନଠାରେ ଆୟୋଜିତ ସାମାଦିକ ସମ୍ମିଳନୀ ତଥା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ଏନେଇ ସୂଚନା ଦିଆଯାଇଛି । ମହୋତ୍ସବ କମିଟିର ଅଧକ୍ଷ ଲକ୍ଷ୍ମଣକୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ତଥା ରାଜ୍ୟ ଗୃହ ଉନ୍ନୟନ ନିଗମର ଅଧକ୍ଷ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ମହୋତ୍ସବର ଲୋଗୋକୁ ଉନ୍ମୋଚନ କରିଥିଲେ । ସାମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଦେଓଗାଁ ବ୍ଲକର ପୂର୍ବତନ ଅଧକ୍ଷା ରୀନା ମେହେର, ମକୁନ୍ଦପୁର ସମିତିସଭ୍ୟ ତଥା ମହୋତ୍ସବର କୋଷାଧକ୍ଷ ଅଭିରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର(କୁନୁ ବହିଦାର) ଭୀମପାହାଡର ଇତିହାସ ବର୍ଣ୍ଣନା କରି ଏହି ପୀଠର ଐତିହାସିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଲେ ଯେ, ପର୍ଯ୍ୟଟନ କ୍ଷେତ୍ରଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରୁକ ଅନୁଦାନ ଯୋଗାଇ ଦେଉଛନ୍ତି । ଭୀମପାହାଡ ପାଇଁ ମଧ୍ୟ ଅର୍ଥମଞ୍ଜୁର କରିଛନ୍ତି । କମିଟିର ଅଧକ୍ଷ ଲକ୍ଷ୍ମଣକୁମାର ମେହେର ସୂଚନା ଦେଇ କହିଲେ ଯେ, ଭୀମପାହାଡର ଐତିହାସିକ ପୃଷ୍ଠଭୂମୀ ରହିଛି । ଭାରତର ସ୍ୱାଧିନତା ସଂଗ୍ରାମ ଇତିହାସରେ ଏହି ଅଞ୍ଚଳର ଆଠଗାଁ ଜମିଦାର ଧରମସିଂ ମାଝୀ ମାନଧାତା, କନ୍ଧନେତା ରେଣ୍ଡୋ ମାଝୀ, ଚକରା ବିଶୋଇଙ୍କ ଅବଦାନ ଯଥେଷ୍ଟ ଅଛି ଓ ଭୀମପାହାଡ ସହିତ ଏମାନଙ୍କର ସମ୍ପର୍କ ରହିଛି । ରାଜ୍ୟସରକାର ଭୀମପାହାଡକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ଦେଇଥିବା ବେଳେ ଏପର୍ଯ୍ୟନ୍ତ ପ୍ରାୟ ୫କୋଟି ଟଙ୍କାର ଅନୁଦାନ ଦେଇ ଉନ୍ନୟନ କରାଇଛନ୍ତି । ଆଉ ୬.୫କୋଟି ଟଙ୍କାର ଅନୁଦାନ ଆସିଛି । ଏହି ଅର୍ଥକୁ ପ୍ରଶାସନ ଶୀଘ୍ର ଖର୍ଚ୍ଚ କରିବା, ଲୋକଙ୍କ ଦାବୀକୁ ସମ୍ମାନ ଜଣାଇ ଭୀମପାହାପଠାରେ ସ୍ୱାଧୀନତା ସଂଗ୍ରାମୀ ସହିଦ ଧରମସିଂ ମାଝୀ ମାନଧାତାଙ୍କ ଏକ ପ୍ରତିମୂର୍ତି ସ୍ଥାପନ କରିବା, କନ୍ଧମେଳିର ସ୍ମୃତିକୁ ବହନ କରୁଥିବା ଏକ ଆଦିବାସୀ ମ୍ୟୁଜିୟମ ସ୍ଥାପନ କରିବା ଓ ଭୀମପାହାଡ ଉପରେ ଗବେଷଣା କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବୀ କରାଯାଇଥିଲା। ଚଳିତବର୍ଷ ମହୋତ୍ସବରେ ରସରାଜ ଅଚ୍ୟୁତ ପୁରୋହିତ, ଦେଓଗାଁର ବଳଭଦ୍ର ସାହୁ, ବନବିହାରୀ ସିଂମାଝୀ, ଅଭୟଚନ୍ଦ୍ର ତ୍ରୀପାଠୀ, ଟିଟିଲାଗଡର କୁମୁଡାପାହାଡ ସୁରକ୍ଷା ସମିତି, ତରଭା ବୁଡାଖାଇ ମହୋତ୍ସବ କମିଟି, ବୌଦ୍ଧ ଜିଲ୍ଲା ବନ୍ଧଗୋରାର ଖଡଙ୍ଗ ମହୋତ୍ସବ କମିଟି, ବୁଡାବାହାଲ ମହିଳା ସଂକିର୍ତନ ମଣ୍ଡଳୀ, ବଡଡୁଙ୍ଗୁରିପାଲି ସଂକିର୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି ।

କନ୍ଧମାଳ ଜିଏନଏମ କଲେଜରେ ଆନ୍ତର୍ଜାତୀୟ ସେବା ଦିବସ ପାଳିତ

କନ୍ଧମାଳ, ୧୪/୦୫ (ନି.ପ୍ର): ନିଜର ସେବା ପାଇଁ ବିଶ୍ୱ ପ୍ରସିଦ୍ଧ ହୋଇଥିବା ଶ୍ରେଷ୍ଠ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଜନ୍ମ ଦିବସ କୁ ଫୁଲବାଣୀ ଜିଏନଏମ କଲେଜ ପକ୍ଷରୁ ଏକ ଭବ୍ୟ ଆୟୋଜନରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାର ଖଜୁରିପଡା ବ୍ଲକ ଅନ୍ତର୍ଗତ ଗୁଡ୍ରିସାହି ସ୍ଥିତ କଲେଜରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କୁ ମନେ ପକାଇବା ସହିତ ତାଙ୍କର ସେବା ଓ ତ୍ୟାଗ ଭାବକୁ ମନରେ ରଖି ପ୍ରଥମରେ ନିଜ କର୍ମକୁ ଭଲପାଇବା ଏବଂ ପରେ ସେମାନେ ଯେଉଁ ମାନଙ୍କୁ ସେବା ଯୋଗାଇବେ ସେମାନଙ୍କୁ ନିଜ ଉତମ ବ୍ୟବହାର ସେମାନଙ୍କର ଦୁଖଃ ଲାଘାବ କରି ପାରିବେ ବୋଲି କହିଥିଲେ । ସେହିପରି ଅନ୍ୟତମ ଅତିଥି ଭାବରେ ଖଜୁରିପଡା ବ୍ଲକ ଅଧ୍ୟକ୍ଷା ଅନିମା କହଁର,ଖଜୁରିପଡା ତହସିଲଦାର ବିଜୟ କୁମାର ପ୍ରଧାନ, ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ କୁମାର ଦାସ,ଫୁଲବାଣୀର ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, କନ୍ଧମାଳ ଏନଏଚଏମର ଡିପିଏମ ମନୋରଞ୍ଜନ ସାହୁ, ସେଣ୍ଟଜୋହନ ଆମ୍ବୁଲେନ୍ସର କନ୍ଧମାଳ ଜିଲ୍ଲା ସହ-ସମ୍ପାଦକ ତଥା ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ବହେରା ଓ ଅନୁଷ୍ଠାନର ପ୍ରିନ୍ସିପାଲ ଶ୍ରୀମତୀ ସଙ୍ଘମିତ୍ରା ସିଂ ପ୍ରମୁଖ ଯୋଗ ଦେଇ ସେବା ମନୋଭାବର ମହତ୍ୱ ଉପରେ ବିଭିନ୍ନ ଉଦ୍ଧାହରଣ ସହିତ ସେମାନଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଜେ ସି ଆଇ ବଲାଙ୍ଗୀର ସିଟି ଦ୍ୱାରା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ବଲାଙ୍ଗିର , ୧୪/୦୫ (ନି.ପ୍ର): ରକ୍ତ ଦାନକୁ ମହାଦାନ କୁହାଯାଏ । ଦେଶର ବିଭିନ୍ନ ଏନଜିଓ ତଥା ସାମାଜିକ ସଂଗଠନ ଦ୍ୱାରା ସମୟ ସମୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥାଏ । ବିପଦ ସମୟରେ ଏହି ରକ୍ତ ଦ୍ୱାରା ଲୋକଙ୍କ ଜୀବନ ରକ୍ଷା ପାଇଥାଏ । ଡାକ୍ତରମାନେ କହିଛନ୍ତି ଯେ ସମାଜର ସମସ୍ତ ଲୋକ ରକ୍ତ ଦାନ କରିବା ଉଚିତ କାରଣ ଏହା କେବଳ ଆବଶ୍ୟକ ସମୟରେ ଅନ୍ୟମାନଙ୍କ ଜୀବନ ରକ୍ଷା କରେ ନାହିଁ ବରଂ ଏହା ସାମାଜିକ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଡାକ୍ତରମାନେ ଏହା ମଧ୍ୟ କହିଛନ୍ତି ଯେ ବର୍ଷରେ ଆପଣଙ୍କ ୨ ରୁ ୩ ଥର ରକ୍ତ ଦାନ କରନ୍ତୁ। ଆଜିର ରକ୍ତଦାନ ଶିବିରରେ ୫୧ ଜଣ ଲୋକ ରକ୍ତ ଦାନ କରି ଥିଲେ । ଏହି ଶିବିର ସକାଳ ୯ ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର ?ୟନ୍ତ ଚାଲିଥିଲା । ଶିବିର ସମୟରେ ରକ୍ତଦାନର ଉପକାରିତା ଏବଂ ନିରାପତା ବିଷୟରେ ବିଶେଷଜ୍ଞ ଡାକ୍ତରମାନେ ସଚେତନତା ପ୍ରଦାନ କରିଥିଲେ । ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ସହରର ଅସୁସ୍ଥ ଲୋକଙ୍କ ପାଇଁ ରକ୍ତ ସଂଗ୍ରହ କରିବା ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ରକ୍ତ ଯୋଗାଇବା । ଏହା ବ୍ୟତୀତ ଏହା ରକ୍ତ ବ୍ୟାଙ୍କକୁ ଆବଶ୍ୟକ ରକ୍ତ ଯୋଗାଣରେ ସାହାଯ୍ୟ କରିବା ।

କଟକରେ କ୍ରିପ୍ଟୋ କେଲେଙ୍କାରୀ: ମାସକରେ କୋଟିଏ ଟଙ୍କା ଗାଏବ

କଟକ , ୧୪/୦୫ (ନି.ପ୍ର): କଟକ ସହରରେ କ୍ରିପଟୋକରେନ୍ସି ମାୟାଜାଲରେ ପଡ଼ି କୋଟିଏ ଟଙ୍କା ହରାଇଲେଣି ୬ ଜଣ । ସୋସିଆଲ୍ ମିଡିଆରେ ଭିଡିଓକୁ ଲାଇକ, ସେୟାର କରିବା କାମରେ ନିୟୋଜିତ ହୋଇଥିବା ନିବେଶକ ପରବର୍ତ୍ତି ସମୟରେ କ୍ରିପ୍ଟୋ କରେନ୍ସି ଜାଲରେ ପଡ଼ିଯାଇଛନ୍ତି । ପ୍ରତି କ୍ରିପଟୋକରେନ୍ସି କିଣାବିକା ବାବଦ ୨୦ ପ୍ରତିଶତ ଲାଭ ମିଳିବାର ପ୍ରତିଶ୍ରୁତି ଦେଇ ଟଙ୍କା ଲୁଟି ନେଇଛନ୍ତି ସାଇବର୍ ଅପରାଧୀ। କଟକ କମିସନରେଟ୍ ପୁଲିସର ସାଇବର୍ ଥାନାରେ ଏପ୍ରିଲ-ମେରେ କୋଟିଏ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ଆସିଛି । ସମସ୍ତ ଅପରାଧରେ ସାଇବର୍ ଅପରାଧୀ ପ୍ରଥମେ ହ୍ୱାଟସଆପରେ ନିବେଶକଙ୍କ ସହିତ ଯୋଡ଼ି ହୋଇଛନ୍ତି । ପରେ କ୍ରିପଟୋକରେନ୍ସିରେ କିଣାବିକା କରିବାକୁ କହି ଏହି ଟଙ୍କା ଲୁଟି ନେଇଛନ୍ତି। କଟକ ସମେତ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ହ୍ୱାଟସଆପରେ୍ୱାର୍କ ଫ୍ରମ ହୋମ୍ ଚାକିରି ପାଇଁ ଆସୁଛି ବିଜ୍ଞାପନ। ଏହି ବିଜ୍ଞାପନରେ ୟୁଟ୍ୟୁବର ଚ୍ୟାନେଲ୍ ସବସ୍କ୍ରାଇବ, ଭିଡିଓ ଲାଇକ କରିବା ସହିତ ଗୁଗୁଲରେ ସମୀକ୍ଷା କରିବା ଓ ରେଟିଂ ଦେବା, ଫେସବୁକରେ ପୋଷ୍ଟ ଲାଇକ୍, ଇନଷ୍ଟାଗ୍ରାମ ହ୍ୟାଣ୍ଡେଲ୍ କରିବାକୁ କୁହାଯାଉଛି । ଏହି ବିଜ୍ଞାପନରେ ଫସୁଥିବା ଗ୍ରାହକଙ୍କୁ ଟେଲିଗ୍ରାମରେ ଏକ ଗ୍ରୁପରେ ଯୋଡ଼ା ଯାଉଛି । ଏଥିରେ ଉପରୋକ୍ତ ସୋସିଆଲ୍ ମିଡିଆରେ ଲାଇକ୍, ସେୟାର, ସବସ୍କ୍ରାଇବ୍ କରିବାକୁ ଟାସ୍କ ଦିଆଯାଇଥାଏ । ଏହି ଟାସ୍କ କରିବା ପୂର୍ବରୁ ନିବେଶକଙ୍କୁ ୨୦ ହଜାର ଟଙ୍କାରୁ ୬ ଲକ୍ଷ ଟଙ୍କା ଯାଏ ଜମା କରିବାକୁ କୁହାଯାଇଛି । ଲାଇକ୍, ସେୟାର, ସବସ୍କ୍ରାଇବ୍ କରିବା ପରେ ଏହାର ସ୍କ୍ରିନ ସର୍ଟକୁ ଗ୍ରୁପରେ ସେୟାର କରିବାକୁ କୁହାଯାଉଛି । ଟଙ୍କା ଜମା କରିବା ଟାସ୍କ ଦିଆଯାଉଛି । ପରେ ନିବେଶକଙ୍କୁ ଏକ ଲଗଇନ୍ ଆଇଡି ଓ ପାସ୍ୱାର୍ଡ ଦିଆଯାଉଛି । ଏହାକୁ ଲଗଇନ୍ କରିବା ପରେ ଏକ କ୍ରିପଟୋ ଟ୍ରେଡିଂ ପୋର୍ଟାଲ ପେଜ୍ ଖୋଲିଯାଉଛି । ଏହାକୁ ଖୋଲିବା ପରେ ପୋର୍ଟାଲରେ ଏକ ଭର୍ଚୁଆଲ୍ ବାଲେଟ୍ ତିଆରି ହୋଇଯାଉଛି । ପେଜରେ ବିଟକଏନ(ବିଟିସି), ଇଥିରିୟମ (ଇଟିଏଚ୍) ନାଁରେ ଦୁଇଟି ଡିଜିଟାଲ୍ ମୁଦ୍ରା ଆସିଥାଏ । ଏଥିରେ ଏକ ଗ୍ରାଫ୍ ବି ଥାଏ । ଏହି ପେଜ୍‌ରେ ଉକ୍ତ କ୍ରିପଟୋ କରେନ୍ସି ବିକ୍ରି କରିବାକୁ କୁହାଯାଇଥାଏ । ବିକ୍ରି ବାବଦ ୨୦ ପ୍ରତିଶତ ଲାଭ ମିଳିବା ନେଇ କୁହାଯାଇଥାଏ । ଟେଲିଗ୍ରାମ୍ ଗ୍ରୁପରେ ଥିବା ସାଇବର୍ ଅପରାଧୀ ଏଭଳି ଏକାଧିକ ନିବେଶକଙ୍କୁ ଟଙ୍କା ମିଳିଥିବା ନେଇ ସ୍କ୍ରିନ୍ ସର୍ଟ ସେୟାର କରୁଛନ୍ତି । ଏହି ସ୍କ୍ରିନ ସର୍ଟ ଦେଖି ନିବେଶକ ବି ବିଶ୍ୱାସ କରି ନେଉଛନ୍ତି । ପ୍ରକୃତରେ ଏହି ଟଙ୍କା ସାଇବର୍ ଅପରାଧୀ ପରସ୍ପର ମଧ୍ୟରେ ନେଣଦେଣ କରିଥାନ୍ତି । କୌଣସି ନିବେଶକଙ୍କୁ ଏହି ଟଙ୍କା ମିଳିନଥାଏ । ଦିନ ସାରା କ୍ରିପ୍ଟୋ କରେନ୍ସି ବିକ୍ରି ଅର୍ଥରୁ ମିଳିଥିବା ଲାଭାଂଶ ସନ୍ଧ୍ୟାରେ ଭର୍ଚୁଆଲ୍ ଆକାଉଣ୍ଟରେ ଜମା ହୋଇଥାଏ । ନିବେଶକ ଏହାକୁ ବିଶ୍ୱାସକୁ ନେଇଯାଏ । ଅସଲରେ ସେଭଳି କୌଣସି ଟଙ୍କା ଭର୍ଚୁଆଲ୍ ଆକାଉଣ୍ଟରେ ଜମା ହୋଇନଥାଏ । କିଛି ସମୟ ପରେ ଗ୍ରୁପରେ ଦିଆଯାଇଥିବା ଟାସ୍କ ଭୁଲ ଥିବା ସମ୍ପର୍କରେ ସୂଚନା ଦିଆଯାଇଥାଏ । ଆହୁରି ଟାସ୍କ କରିବାକୁ କୁହାଯାଏ । ଏଥିପାଇଁ ବି ନିବେଶକଙ୍କୁ ଟଙ୍କା ଜମା କରିବାକୁ କୁହାଯାଏ । ଟାସ୍କ ଠିକ୍ ହେଲେ ଜମା ହୋଇଥିବା ଟଙ୍କା ଦୁଇ ଗୁଣ ହୋଇ ଆସିବା ନେଇ ପ୍ରଲୋଭନ ଦେଖାଯାଇଥାଏ । ଏଭଳି କ୍ରମାଗତ ଭାବେ ସାଇବର ଅପରାଧୀ ନିବେଶକଙ୍କୁ କ୍ରିପ୍ଟୋ କରେନ୍ସି ଓ ଟେଲିଗ୍ରାମ୍ ଟାସ୍କ ଜାଲରେ ଫସାଇ ଟଙ୍କା ଲୁଟି ଚାଲୁଛନ୍ତି । ଟଙ୍କା ଲୁଟ୍ ପରେ ଗ୍ରୁପରୁ ନିବେଶକଙ୍କୁ ସମ୍ପୂର୍ଣ୍ଣ ବିଦା କରି ଦିଆଯାଉଛି । ସାଇବର୍ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସାଇବର୍ ଅପରାଧୀ ଟେଲିଗ୍ରାମ ଗ୍ରୁପରେ ଯୋଡ଼ିଥିବା ଗ୍ରାହକଙ୍କ ତାଲିକା କାହାରିକୁ ଦେଖା ଯାଇନଥାଏ । ଏହି ଗ୍ରୁପର ଆଡମିନ ଉଭୟଙ୍କ ମ୍ୟାସେଜ ଡିଲିଟ୍ କରିବାର ବ୍ୟବସ୍ଥା ରହିଛି । ଟେଲିଗ୍ରାମରେ କାରବାର କରିବା ସାଇବର ଅପରାଧୀଙ୍କ ପାଇଁ ଏଥିପାଇଁ ସହଜ ହେଉଛି ଯେ ଏଥିରେ ବ୍ୟବହାରକାରୀଙ୍କ ପରିଚୟ ଗୋପନୀୟ ରହୁଛି ଏବଂ ଏହାକୁ ସହଜରେ ଠାବ କରି ହେଉନାହିଁ। ଯାହାକି ସାଇବର୍ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଗଲା ୨ ତାରିଖରେ କଟକ ସହରର ଜଣେ ମହିଳାଙ୍କ ହ୍ୱାଟସଆପକୁ ଏକ ଲିଙ୍କ୍ ଆସିଥିଲା । ଏହି ଲିଙ୍କରେ ଟ୍ରେଡିଂ କରିବାକୁ କୁହାଯାଇଥିଲା । ପରେ ଟେଲିଗ୍ରାମ୍ ମାଧ୍ୟମରେ ନିବେଶ କରୁଥିବା ଅର୍ଥ ଡବଲ୍ ହୋଇଯାଉଥିଲା । କିନ୍ତୁ ଯେତେବେଳେ ଏକାଧିକ ପର୍ଯ୍ୟାୟରେ ୨୧ ଲକ୍ଷ ଟଙ୍କା ନିବେଶ କଲେ ଏହି ଟଙ୍କା ଫେରସ୍ତ ହେଲାନାହିଁ। ଟଙ୍କା ଗାଏବ୍ ହୋଇଯାଇଥିବା ନେଇ କଟକ ସାଇବର୍ ଥାନାରେ ଏତଲା ଦିଆଯାଇଥିଲା । ସେହିଭଳି ଆଉ ଜଣେ ଉଚ୍ଚଶିକ୍ଷିତା ମହିଳା ଚାକିରି ପାଇଁ ଅନଲାଇନରେ ଖୋଜାଖୋଜି କରୁଥିଲେ । ମହିଳାଙ୍କ ହ୍ୱାଟସଆପ୍‌କୁ ଏକ ଅଜଣା ନମ୍ବରରୁ ଲାଇକ, ସବସ୍କ୍ରାଇବ କାମ ପାଇଁ ପ୍ରସ୍ତାବ ଆସିଥିଲା । ପରେ ତାଙ୍କୁ ଟେଲିଗ୍ରାମ ଗ୍ରୁପରେ ଯୋଡ଼ାଯାଇଥିଲା । ଅନଲାଇନ୍ ଟାସ୍କ ଓ କ୍ରିପଟୋ କରେନ୍ସି ବାବଦ ୧୭ ଲକ୍ଷ ଟଙ୍କା ସାଇବର୍ ଅପରାଧୀ ତାଙ୍କର ଲୁଟି ନେଇଥିବା ୧୨ ତାରିଖରେ ଆଉ ଏକ ଅଭିଯୋଗ ସାମନାକୁ ଆସିଛି । ଏଭଳି ସିରିଜ୍ ମାମଲାରେ ନିବେଶକ ଦୁଇ ଗୁଣ ଅର୍ଥ ଲୋଭରେ ଫସିଥିବା ତଦନ୍ତରୁ ଜଣାପଡ଼ିଛି ।

ଜିଲ୍ଲା ନ୍ୟାୟଳୟ ପରିସରରେ ରିଜିଓନାଲ ଜୁଡ଼ିସିଆଲ ଏକାଡେମୀ ଉଦ୍‌ଘାଟିତ

ଜୟପୁର, ୧୪/୦୫ (ନି.ପ୍ର): ଭାରତର ଉଚ୍ଚତମ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଡକ୍ଟର ଏସ. ମୁରଲୀଧର, ଜଷ୍ଟିସ ଏସ. ତଳପାତ୍ର ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିଙ୍କ ଦ୍ୱାରା ଭିଡିଓ କନଫରେନସିଂ ମାଧ୍ୟମରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଜଷ୍ଟିସ ଭି. ନରସିଂହ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇ ଫଳକ ଉନ୍ମୋଚନ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ଓ ଦୌରା ଜଜ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭିଜିଲାସନ୍ସ ଜଜ ରାଜେଶ ଏକ୍କା, ପରିବାର ଅଦାଲତ ଜଜ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ-ତଥା-ସ୍ୱତନ୍ତ

ନିଦ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୧୫ ମଇ ୨୦୨୩

ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି

ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

ଗଛ ବି ସଚେତନ

ମଣିଷ ଯେକୌଣସି ବିପଦ ପଡ଼ିଲେ ତାହାକୁ ସାମ୍ନା କରେ ବା ପ୍ରତିହତ କରିବାକୁ ଚେଷ୍ଟା କରିଥାଏ । ଠିକ୍ ସେମିତି ଗଛ ମଧ୍ୟ ବିପଦକୁ ପ୍ରତିହତ କରିବାର କ୍ଷମତା ରଖିଥାଏ । ଯଦି କୌଣସି ପୋକ କିମ୍ବା ମାରାତ୍ମକ କୀଟ ଦ୍ୱାରା ଆକ୍ରାନ୍ତ ହୁଏ, ତା' ହେଲେ ନିଜେ ତାକୁ ସମ୍ଭାଳିନେବାକୁ ଚେଷ୍ଟା କରେ । ଏମିତିକି ଗଛ ବିପଦର ସମ୍ମୁଖୀନ ହୋଇଛି ବୋଲି ସୂଚନା ମଧ୍ୟ ଦିଏ ।

ସାଙ୍କେତିକ ଭାବରେ ପତ୍ର ନାଲି ପଡ଼ିବା କି ମୋଡ଼ି ମୋଡ଼ି ହୋଇଯିବା, ଝାଉଁଳି ପଡ଼ିବା ଆଦି ଲକ୍ଷଣର ମଧ୍ୟ ଦେଖାଇଥାଏ । ଫଳ ସ୍ୱରୂପ ଫଳ କି ପନିପରିବା ଗଛ ହୋଇଥିଲେ, ତାହାର ନିରାକରଣ କରିବାକୁ ଆମେ ଆଗଭର ହେଉଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେଇ ନଥାଉ । ରୋଗପୋକ ଦାଉରୁ ନିଜକୁ ରକ୍ଷା କରିବାକୁ ଫିନୋଲିକ୍ସ ନାମକ ଏକ ରାସାୟନିକ ପଦାର୍ଥ ତା' ପତ୍ରରୁ କ୍ଷରଣ କରିଥାଏ ଗଛଟିଏ ।

ସ୍ୱାସ୍ଥ୍ୟ ଟିପ୍ସ

ଅଧ ରାତିରେ ନିଦ ଭାଙ୍ଗିବାକୁ ନେଇ ଅନେକ ବ୍ୟସ୍ତ ହୁଅନ୍ତି । ଏହାକୁ ରୋଗ ଭାବନ୍ତି । ତେବେ, ଏହା ରୋଗ ନୁହେଁ । ରାତିରେ ନିଦ ଭାଙ୍ଗିବା ସହ ସ୍ୱାସ୍ଥ୍ୟର ବିଶେଷ ସଂପର୍କ ନାହିଁ । ଏହା ପ୍ରାକୃତିକ । ବିଦ୍ୟୁତ୍ ଶକ୍ତିର ବ୍ୟବହାର ପୂର୍ବରୁ ମଣିଷ ରାତିରେର ଦୁଇ ଥର ଶୋଉଥିଲା । ତା'ର ରାତ୍ରିକାଳୀନ କାର୍ଯ୍ୟକଳାପ, ତାରାଙ୍କୁ ଦେଖି ହେଉଥିଲା । ସାଧାରଣର ଭାବେ ସନ୍ଧ୍ୟା ପରେ ପରେ ମଣିଷ ଶୋଇଯାଉଥିଲା । ଦୁଇ-ଚାରି ଘଣ୍ଟା ପରେ ଉଠି ଆବଶ୍ୟକ ସ୍ଥଳେ ଖାଉଥିଲା-ପିଉଥିଲା ; ଭଗବାନଙ୍କୁ ପ୍ରାର୍ଥନା କରୁଥିଲା ; ଜହ୍ନ ଆଲୁଅରେ ହୋଇପାରିବା ଭଳି କାମ କରୁଥିଲା । ରାତ୍ରିରେ ଶୁକ୍ର ତାରାର ସମୟ (ରାତି ତିନିଟା)ରେ ମଧ୍ୟ ମଣିଷର ନିଦ ସ୍ୱାଭାବିକ ଭାବେ ଭାଙ୍ଗୁଥିଲା । ତେଣୁ, ରାତିରେ ନିଦ ଭାଙ୍ଗିବା ରୋଗ ନୁହେଁ । ମଣିଷର ଅବଚେତନାରେ ଏହା ରହିଛି । ଏହାର ପ୍ରମାଣ ଇତିହାସ, ସାହିତ୍ୟ, ମେଡିକାଲ୍ ରେକର୍ଡ୍ ଆଦିରୁ ମିଳେ ।

ବାସ୍ତୁ ଦୋଷ ଦୂର କରେ ସିନ୍ଦୂର

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।

♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ୍ୟ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

ଶସ୍ତା ଆପାତକାଳ ଭେଣ୍ଟିଲେଟର

ସାଧାରଣ ଗୁଣବତ୍ତାଯୁକ୍ତ ଉପକରଣ ବ୍ୟବହାର କରି ଆମେରିକୀୟ ବୈଜ୍ଞାନିକମାନେ ଏକ ଆପାତକାଳୀନ ଭେଣ୍ଟିଲେଟର ପ୍ରସ୍ତୁତ କରିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ ନ ଥିବାବେଳେ କିମ୍ବା ଯୋଗାଣରେ ସମ୍ଭବ ହେଉନଥିବାବେଳେ ଏହି ଉଦ୍ଭାବନ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବ । ଏହି ଭେଣ୍ଟିଲେଟର୍‌ର ମୂଲ୍ୟ ୪ ଶହ ଆମେରିକୀୟ ଡଲାରରୁ କମ୍ । ସବୁଠୁ ସରଳ ଭେଣ୍ଟିଲେଟର୍‌ରେ ଡାକ୍ତରମାନେ ହାତରେ ଏକ ସ୍ୱୟଂଚାଳିତ ଥଳିକୁ ଦବାଇଥାନ୍ତି, ଯାହା ଦ୍ୱାରା ପବନ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଯାଇଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ସ୍ୱୟଂଚାଳିତ ଭେଣ୍ଟିଲେଟରଗୁଡ଼ିକରେ ଏକାଧିକ ପାରାମିଟର ନିୟନ୍ତ୍ରଣ ନିମନ୍ତେ ଜଟିଳ ଇଲେକ୍ଟ୍ରୋନିକ୍ସ ପ୍ରୟୋଗ କରାଯାଇଥାଏ । କିନ୍ତୁ ସଦ୍ୟ ବିକଶିତ ଏହି ଭେଣ୍ଟିଲେଟର ସେ ମାମଲାରେ ଖୁବ୍ ଶସ୍ତା ଏବଂ ଏଥିରେ ସଂଲଗ୍ନ ସେଲ୍‌ଫି-ଇନ୍‌ଫ୍ଲାଟିଙ୍ଗ ଥଳି ଆପଣାଛାଏଁ କାର୍ଯ୍ୟକାରୀ ହୋଇଥାଏ । ଆମେରିକାର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଏହି ଉପକରଣ ପ୍ରସ୍ତୁତ କରିଛନ୍ତି । ଅଧ୍ୟୟନର ସହ ଲେଖକ ମାର୍ଟିନ୍ ବ୍ରିଡେନ୍‌ବାଚ କହନ୍ତି 'ଆମେ ଏକ ପ୍ରଭାବଶାଳୀ ତଥା ସରଳ ଉପକରଣ ନିର୍ମାଣ କରିବାକୁ ଚାହୁଁଥିଲୁ । ଭେଣ୍ଟିଲେଟର୍‌ର ଘୋର ଅଭାବ ଦୃଷ୍ଟିରେ ରହଖି ଏହାର ଏକ ବିକଳ୍ପ ବିକାଶ ପାଇଁ ଆମେ ଆଗ୍ରହୀ ହେଲୁ । ଯେତେ ଶୀଘ୍ର ସମ୍ଭବ ଏହି ଉପକରଣକୁ କାମରେ ଲଗାଇବାକୁ ଆମେ ଯୋଜନା କରୁଛୁ ।' ନିଜେ ନିଜେ ଶ୍ୱାସକ୍ରିୟା କରିପାରୁନଥିବା ରୋଗୀଙ୍କ ପାଇଁ ଭେଣ୍ଟିଲେଣ ଏକ ବରଦାନ ସଦୃଶ । ଗମ୍ଭୀର ରୋଗୀଙ୍କ ପାଇଁ ଏହାର ଅଭାବ ଏକ ସାଧାରଣ ସମସ୍ୟା ହୋଇଛି ବୋଲି ଅଧ୍ୟୟନରେ ସାମିଲ ଗବେଷକମାନେ କହିଛନ୍ତି । ସଦ୍ୟ ବିକଶିତ ଉପକରଣଟି ଅମ୍ଳଜାନଯୁକ୍ତ ବାୟୁକୁ ଏକ ଟ୍ୟୁବ୍ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପହଞ୍ଚାଏ । ଫୁସ୍‌ଫୁସ୍‌କୁ ପ୍ରସାରିତ କରି ଅମ୍ଳଜାନ ଗ୍ରହଣରେ ସାହାଯ୍ୟ କରେ । ଏହା ପରେ ଫୁସ୍‌ଫୁସ୍ ଆପଣାଛାଏଁ ସଙ୍କୁଚିତ ହୁଏ ଏବଂ ବାୟୁକୁ ପାଣି ଠେଲିଥାଏ । ବୈଜ୍ଞାନିକଙ୍କ ମତରେ, ସଦ୍ୟ ଉଦ୍ଭାବନ ଏକ ସରଳ ମଡେଲ ଉପରେ ଆଧାରିତ, ଫଳରେ ଏଥିରେ ଥିବା ଥଳିଟି ଆପଣାଛାଏ ସଙ୍କୁଚିତ ହୁଏ । ମେଡିକାଲ ଉପକରଣର ଅଭାବଯୁକ୍ତ ମଧ୍ୟ ଓ ନିମ୍ନ ଆୟବର୍ଗର ଦେଶମାନଙ୍କ ପାଇଁ ଏହା ଖୁବ୍ ସହାୟକ ହୋଇପାରିବ ବୋଲି ଅଧ୍ୟୟନକର୍ତ୍ତା କହିଛନ୍ତି ।

ରହସ୍ୟମୟ ଗାଟା ଲୁପ୍ସ ସଡ଼କ

ଦେଶବିଦେଶରୁ ବହୁ ପର୍ଯ୍ୟଟକ ହିମାଚଳ ପ୍ରଦେଶ ବୁଲି ଆସନ୍ତି । ଏଠାକାର ପ୍ରକୃତିର ସୌନ୍ଦର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ । ହେଲେ ଏହି ସ୍ଥାନରେ ଏମିତି କିଛି ରହସ୍ୟମୟ ସ୍ଥାନ ଅଛି ଯାହା ବିଷୟରେ ଅନେକେ ଜାଣିନାହାନ୍ତି । ସେମିତି ଗୋଟିଏ ସ୍ଥାନ ହେଲା ଗାଟା ଲୁପ୍ସ । ମୋଟା ଲୁପ୍ସ ଚକ୍ରାକାର ସଡ଼କ ପାଇଁ ପ୍ରସିଦ୍ଧ । ଗାଟା ଲୁପ୍ସରେ ୨୧ଟି ଚକ୍ରାକାର ସଡ଼କ ରହିଛି । ସଡ଼କଟି ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉଚ୍ଚରେ ଅବସ୍ଥିତ । ଏତେ ଉଚ୍ଚତାରେ ଥିବା ପାହାଡ଼ିଆ ରାସ୍ତା ଦେଇ ଯିବାଆସିବା କରିବାକୁ ଲୋକେ ଭୟ କରନ୍ତି । ହେଲେ ମାଲବାହୀ ଟ୍ରକଗୁଡ଼ିକ ଏହି ରାସ୍ତାରେ ଯାଇଥାଏ । ଶୀତଦିନେ ତୁଷାରପାତ ଯୋଗୁଁ ଗାଟା ଲୁପ୍ସ ସଡ଼କ ବନ୍ଦ ହୋଇଯାଏ । ଏହି ସଡ଼କକୁ ନେଇ ଅନେକ ରହସ୍ୟମୟ କାହାଣୀ ରହିଛି । ଏହି ରାସ୍ତାରେ ଥିବା ଏକ ମନ୍ଦିର ପ୍ରେତାତ୍ମା ଉଦ୍ଦେଶ୍ୟରେ ସମର୍ପିତ । କୁହାଯାଏ ଯେ ଏହି ସ୍ଥାନରେ ଲୋକମାନେ ପ୍ରେତାତ୍ମା ପାଇଁ ପାଣି ବୋତଲ ରଖି ଯାଇଥାନ୍ତି । ଲୋକେ ଏପରି କରିବା ପଛରେ ଏକ କାହାଣୀ ରହିଛି । ୧୯୯୯ ମସିହାର କଥା । ଗୋଟିଏ ଟ୍ରକ ଗୋଟା ଲୁପ୍ସ ରାସ୍ତାରେ ଯିବାବେଳେ ଖରାପ ହୋଇଯାଇଥିଲା । ଡ୍ରାଇଭର ଓ ହେଲପର ଟ୍ରକ ମରାମତି କରିବାକୁ ବହୁ ଚେଷ୍ଟା କରିଥିଲେ । କିନ୍ତୁ ଟ୍ରକ ଠିକ୍ ହୋଇନଥିଲା । ତୁଷାରପାତ ଯୋଗୁ ରାସ୍ତା ବନ୍ଦ ହୋଇ ଯାଇଥିଲା । ପାଖ ଗାଁକୁ ସାହାଯ୍ୟ ମାଗିବାକୁ ଯିବାକୁ ଡ୍ରାଇଭର ଭାବିବା ବେଳକୁ ଅଚାନକ ହେଲପରର ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା । ବାଧ୍ୟ ହୋଇ ଡ୍ରାଇଭର ଏକା ପାଖ ଗାଁକୁ ଚାଲି ଯାଇଥିଲେ । କିଛି ଦିନ ପରେ ଡ୍ରାଇଭର ଗାଁ ଲୋକଙ୍କୁ ନେଇ ଟ୍ରକ ପାଖକୁ ଆସିଥିଲେ । ହେଲେ ସେତେବେଳକୁ ହେଲପରର ମୃତ୍ୟୁ ହୋଇ ସାରିଥିଲା । ଲୋକମାନେ ହେଲପରର ସେହି ସ୍ଥାନରେ ଅନ୍ତିମ ସଂସ୍କାର କରିଥିଲେ । ହେଲପର୍ ମରିଥିବା ସ୍ଥାନରେ ଛୋଟ ଘରଟିଏ ତିଆରି କରି ଦେଇଥିଲା । କୁହାଯାଏ ଯେ, ହେଲପରର ଆତ୍ମା ଆଜି ବି ଗାଟା ଲୁପ୍ସରେ ଘୂରି ବୁଲୁଛି । ଆଜି ବି ଲୋକେ ଗାଟା ଲୁପ୍ସ ସଡ଼କ ଦେଇ ଯିବା ସମୟରେ ସେହି ଘର ସାମ୍ନାରେ ପାଣି ଏବଂ ଆବଶ୍ୟକ ସାମଗ୍ରୀ ରଖି ଦେଇଯାଆନ୍ତି ।

ଗୁରୁବାରରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।

■ ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।

■ ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।

■ ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।

■ ପୂଜା ସଂମ୍ପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଲକ ଲଗାଇଲେ ଶୁଭ ଫଳ ମିଳିଥାଏ ।

■ 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।

■ ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।

■ ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।

■ ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।

■ ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

ସର୍ତ୍ତ ସହ ମାଗଣାରେ ପିଜା ଦେଉଛି ରେଷ୍ଟୁରାଣ୍ଟ

ଅନେକ ସମୟରେ ଭିନ୍ନ ଭିନ୍ନ ରେଷ୍ଟୁରାଣ୍ଟ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ନିଆରା ଅଫର ଦେଇଥାନ୍ତି । ଏପରି ଏକ ଅଫର ନେଇଆସିଛି ଆମେରିକାର ଦ' କରି ପିଜା କମ୍ପାନୀ । ତେବେ କମ୍ପାନୀ ଦେଇଥିବା ସର୍ତ୍ତକୁ ମାନିଲେ ମିଳିବ ମାଗଣା ପିଜା । କାର୍ଲିଫର୍ଣ୍ଣିଆର ଏହି କମ୍ପାନୀ ତାର ରେଷ୍ଟୁରାଣ୍ଟକୁ ଆସୁଥିବା ଗ୍ରାହକମାନଙ୍କୁ ଖାଇବା ଟେବୁଲକୁ ଯିବା ପୂର୍ବରୁ ମୋବାଇଲ ରଖିବାକୁ ସର୍ତ୍ତ ରଖିଛି । ଯେଉଁ ଗ୍ରାହକ ରେଷ୍ଟୁରାଣ୍ଟରେ ମୋବାଇଲ ୨୪ଘଣ୍ଟା ପାଇଁ ରଖିବେ ତାଙ୍କୁ ପରେ ଏକ ପିଜା ଦିଆଯିବ । ସେମାନେ ଚାହିଁଲେ ପିଜା ଖାଇପାରିବେ ନଚେତ ଅନ୍ୟ କାହାକୁ ଦାନ କରିପାରିବେ । ଏହାପରେ ମଧ୍ୟ ଆଉ ଏକ ସର୍ତ୍ତ ରହିଛି ମାଗଣା ପିଜା ପାଇଁ ଆସିବାକୁ ହେଲେ ଜଣେ ଗ୍ରାହକଙ୍କୁ ଅତିକମରେ ୪ଜଣ ଲୋକଙ୍କୁ ନେଇ ରେଷ୍ଟୁରାଣ୍ଟକୁ ଆସିବାକୁ ହେବ । ଏହି ଅଫର ସମ୍ପର୍କରେ ରେଷ୍ଟୁରାଣ୍ଟକୁ ଆସିବାକୁ ହେବ । ଏହି ଅଫର ସମ୍ପର୍କରେ ରେଷ୍ଟୁରାଣ୍ଟର ମାଲିକ କହିଛନ୍ତି ଯେ, ଆଜିକାଲି ଲୋକେ ପରସ୍ପର ମଧ୍ୟରେ କଥା ହେବାକୁ ସମୟ ପାଉନାହାଁନ୍ତି । ସେମାନେ ମୋବାଇଲ ଫୋନରେ ଅଧିକ ସମୟ ବିନିଯୋଗ କରୁଛନ୍ତି । ତେଣୁ ମୋବାଇଲ ଠାରୁ ଦୂରେଇ ରଖିବା ପାଇଁ ଆମେ ଏଭଳି ଅଭିନବ ଯୋଜନା ଆରମ୍ଭ କରିଛୁ ।

ଥାଳିରେ ଫୋନ୍ ପାଇଁ ସ୍ଥାନ

ଶୀର୍ଷକଟି ଅଜବ ମନେହେଉଥିବ । କିନ୍ତୁ ଏହା ସତ । ବର୍ତ୍ତମାନ ସମୟରେ ଫୋନ୍ ଆମ ଜୀବନରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ଦିନସାରା ଫୋନ୍ ସ୍କ୍ରଲ୍ କରୁଥିଲେ ମଧ୍ୟ ଜମାରୁ ବୋର୍ ଲାଗୁନାହିଁ । କାମ ସହିତ ସୋସିଆଲ ମିଡିଆରେ ଆକ୍ଟିଭ୍ ରହିବାକୁ ଲୋକେ ମଲ୍ଟି ଟାସ୍କିଙ୍ଗ୍ ବୋଲି କହୁଛନ୍ତି । କିନ୍ତୁ ଖାଇବା ସମୟରେ ଯଦ ଡାଲି କିମ୍ବା ତରକାରୀରେ ଫୋନ୍ ପଡ଼ିଯାଏ, ତେବେ କ'ଣ କରିବେ ? ଏହି ସମସ୍ୟାରର ଉପଯୁକ୍ତ ସମାଧାନ ହେଉଛି 'ମଡର୍ନ ଥାଳି' । ଗୋଟିଏ ଟ୍ରେରେ ସାଧାରଣତଃ ରୁଟି, ଡାଲି, ଭାତ, ଦହି, ସାଲାଡ୍ ଓ ମିଠା ଆଦି ଅଲଗା ଅଲଗା ବ୍ୟଞ୍ଜନ ପାଇଁ ଅଲଗା ସ୍ଥାନ ଥାଏ । କିନ୍ତୁ ଏହି ମର୍ଡନ ଥାଳିର ଫଟୋ ଏବେ ସୋସିଆଲ ମିଡିଆରେର ଖୁବ୍ ଭାଇରାଲ ହେଉଛି, ଯେଉଁଥିରେ ଜଣେ ବ୍ୟକ୍ତି ଖାଦ୍ୟର ମଜା ନେବା ସହିତ ଫୋନ୍ ବ୍ରାଉଜ୍ କରୁଛନ୍ତି । ଫୋନ୍‌ଟିକୁ ସେ ଉକ୍ତ ଟ୍ରେ ଭିତରେ ରଖିଛନ୍ତି ଏବଂ ଖାଇବା ସହିତ ଫୋନ୍ ସ୍କ୍ରଲ୍ କରୁଛନ୍ତି । ଏଥିରେ ଫୋନ୍ ପାଇଁ ଅଲଗା ସ୍ଥାନ ରହିଛି । କ୍ରିକେଟର ହରଭଜନ ସିଂହ ଏହି ଫଟୋ ନିଜ ଟ୍ୱିଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି ଏବଂ କ୍ୟାପ୍‌ସନ ଲେଖିଛନ୍ତି 'ଫୋନ୍ ପାଇଁ ଅଲଗା ସ୍ଥାନଯୁକ୍ତ ମର୍ଡନ ଥାଳି' । ଶେୟାର ହେବା ପରଠୁ ଟ୍ୱିଟ୍‌କୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲାଇକ୍ ମିଳିଛି । ଖାଇବାବେଳେ ଫୋନ୍ ଅପରେଟ୍ କରିବାର ଏହି ହଟ୍‌କେ ସମାଧାନକୁ ନେଇ ୟୁଜର୍ ଭିନ୍ନ ଭିନ୍ନ ମତ ଦେଇଛନ୍ତି । କେହି କେହି ଲେଖିଛନ୍ତି- ଥାଳି ପୁରୁଣା କିନ୍ତୁ ଫୋନ୍ ରଖିବାର ବିଚାର ନୂଆ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସାନ୍ତ୍ୱନା ...

ଏକ ରାଜନୀତିକ ଘଟଣାକ୍ରମକୁ ନେଇ ସୃଷ୍ଟି ହୋଇଥିବା ବିବାଦ କ୍ଷେତ୍ରରେ ପ୍ରକାଶିତ ରାୟଗୁଡ଼ିକ ପ୍ରାୟତଃ ଉଚ୍ଚ ସ୍ତରର ନୈତିକତା ଉପରେ ଗୁରୁତ୍ୱାରୋପ କରିଥାଏ, କିନ୍ତୁ ସାମ୍ବିଧାନିକ ବିଧି ବିଧାନର ଉଲ୍ଲଙ୍ଘନ ଦ୍ୱାରା ଯେଉଁମାନେ ପ୍ରଭାବିତ ହୋଇଥାନ୍ତି, ସେମାନଙ୍କ ନିମନ୍ତେ କ୍ୱଚିତ୍ କୌଣସି ଆଶ୍ୱାସନା ଆଣି ଦେଇଥାଏ । ମୋଟାମୋଟି ଗୋଟିଏ ବାକ୍ୟରେ କହିଲେ, କ୍ଷତିଗ୍ରସ୍ତ ପକ୍ଷ ନୈତିକତା ଦୃଷ୍ଟିରୁ ସଫଳତା ତ ପାଇଥାନ୍ତି, କିନ୍ତୁ ଏହା କେବଳ ଏକ ସାନ୍ତନା ବ୍ୟତୀତ ଅନ୍ୟ କିଛି ହୋଇ ନଥାଏ, କାରଣ ନୀତିଗତ ସଂଗ୍ରାମରେ ବିଜୟୀ ହେଲେ ସୁଦ୍ଧା ହୃତ ସାମ୍ରାଜ୍ୟ ପୁଣିଥରେ ସେହି ପକ୍ଷଙ୍କ ନିକଟକୁ ଫେରି ଆସି ନଥାଏ । ସମାନ କଥା ଦେଖିବାକୁ ମିଳିଛି ଗତ ବର୍ଷ ମହାରାଷ୍ଟ୍ରର ମହା ବିକାଶ ଅଘାଡ଼ି (ଏମ୍ଏ) ସରକାରର ନାଟକୀୟ ପତନକୁ ନେଇ ନିକଟରେ ଦେଶର ଶୀର୍ଷ ଅଦାଲତ ସୁପ୍ରିମ୍‌କୋର୍ଟ ପ୍ରଦାନ କରିଥିବା ରାୟ କ୍ଷେତ୍ରରେ । କୋର୍ଟ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅନେକ ଖେଳାଳିଙ୍କ କ୍ଷେତ୍ରରେ କିଛି ନା କିଛି ଦୁର୍ବଳତା ଦେଖିବାକୁ ପାଇଛନ୍ତି, ଯାହା ଏମ୍ଭିଏ ସରକାରକୁ ଗାଦିଚ୍ୟୁତ କରିଥିଲା । ତେବେ କୋର୍ଟଙ୍କ ରାୟ ବର୍ତ୍ତମାନ ସମ୍ପୃକ୍ତ ରାଜ୍ୟର ରାଜନୀତିକ ଦୃଶ୍ୟପଟରେ କଦାଚିତ୍ କୌଣସି ପ୍ରକାରର ପରିବର୍ତ୍ତନ ଆଣିବାର ସମ୍ଭାବନା ବହନ କରିଛି । ପ୍ରଥମେ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତିଙ୍କ ସମ୍ବନ୍ଧରେ । କୋର୍ଟ ଦଳ ବିରୋଧୀ ଆଇନ ବଳରେ ବାଚସ୍ପତିଙ୍କ ହାତରେ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ୨୦୧୬ର ଏକ ରାୟକୁ ପ୍ରଭାବଶାଳୀ ଭାବରେ ସେମାନଙ୍କ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରୁଥିଲା । କିନ୍ତୁ କୋର୍ଟ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀଦ୍ୱାରା ମୋନନୀତ ବ୍ୟକ୍ତିଙ୍କ ଉପରେ ବାଚସ୍ପତି ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ଦ୍ୱାରା ନିଯୁକ୍ତ ସଚେତକଙ୍କୁ ସ୍ୱୀକୃତି ପ୍ରଦାନ କରିବାରେ ତ୍ରୁଟି ରହିଥିବା । ଉଦ୍ଦେଶ୍ୟ ବହନ କରୁଥିବା ପ୍ରସ୍ତାବ ବିଚାରାଧୀନ ଥିବା ବେଳେ ବ୍ୟବସ୍ଥାପିକାଗୁଡ଼ିକର ପରିଚାଳନା ଅଧିକାରୀ ଭାବରେ ସେମାନଙ୍କ ଅଧିକାରରୁ ସେମାନଙ୍କୁ ବଞ୍ଚତ କରୁଥିଲା । ନିର୍ବାଚନ କମିଶନ (ଇସି)ଙ୍କ ଉଦ୍ଦେଶ୍ୟରେ କୋର୍ଟ କହିଛନ୍ତି ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବରେ ଏକ ଅସୀମ ସମୟ ପର୍ଯ୍ୟନ୍ତ ଏହାଙ୍କୁ ନିଜର କର୍ତ୍ତବ୍ୟ ନିର୍ବାହ କରିବାରୁ ରୋକିହେବ ନାହିଁ, ଆଉ, ସେଥିପାଇଁ ଶିବସେନାର ନାମ ସେସବୁକୁ ଅଟକା ଯାଇ ପାରି ନଥାନ୍ତା, ଏଇ କାରଣରୁ ଯେ ବାଚସ୍ପତିଙ୍କ ନିକଟରେ ଅଯୋଗ୍ୟ ଘୋଷଣା କରାଯିବାର ପ୍ରଶ୍ନ ଅଟକି ରହିଥିଲା । ତେବେ କୋର୍ଟ ଦୋହରାଇଛନ୍ତି ଯେ ଏଭଳି ବିବାଦଗୁଡ଼ିକ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବ୍ୟବସ୍ଥାପିକା ସଂଖ୍ୟା ଗରିଷ୍ଠତା ଏକମାତ୍ର ମାପଦଣ୍ଡ ନୁହେଁ; ଅନ୍ୟାନ୍ୟ ବିଚାରଗୁଡ଼ିକ ଯଥା ସଂଖ୍ୟା ଗରିଷ୍ଠତା ଏବଂ ଦଳର ଉଦ୍ଦେଶ୍ୟଗୁଡ଼ିକ ପ୍ରତି ମଧ୍ୟ ଉପଯୁକ୍ତ ବିଚାର ପ୍ରଦାନ କରାଯିବା ଉଚିତ । ତେବେ କୋର୍ଟଙ୍କ ସର୍ବାଧିକ ଶାଣିତ ମନ୍ତବ୍ୟଗୁଡ଼ିକ ସଂରକ୍ଷିତ ରହିଥିଲା ମହାରାଷ୍ଟ୍ରର ତତ୍କାଳୀନ ରାଜ୍ୟପାଳ ଭଗତ ସିଂହ କୋଶୟାରୀଙ୍କ ପାଇଁ । କୋର୍ଟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ରାଜ୍ୟପାଳ ରାଜନୀତିକ କ୍ଷେତ୍ରକୁ ପ୍ରବେଶ କରିବା ଉଚିତ ନଥିଲା, ଏବଂ କୋର୍ଟ ଜାଣିବାକୁ ପାଇଥିଲେ ଯେ ସେନାର ବିଧାୟକମାନଙ୍କର ଏକ ପତ୍ର ଉପରେ ଆସ୍ଥା ରଖନ୍ତ ସେ ଏକ ଗୁରୁତର ତ୍ରୁଟି କରିଥିଲେ, କାରଣ ଏହିସବୁ ସଦସ୍ୟ ଦଳର ଏକ ଗୋଷ୍ଠୀ ଥିଲେ ଏବଂ ସେମାନେ ସ୍ପଷ୍ଟ ଭାବରେ କହି ନଥିଲେ ଯେ ସେମାନେ ସରକାରଙ୍କଠାରୁ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି । କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଅସନ୍ତୁଷ୍ଟ ସଦସ୍ୟମାନେ ସେମାନଙ୍କର ସମର୍ଥନ ପ୍ରତ୍ୟାହାର କରିନେବାର ସୂଚନା କୌଣସି ଗୋଟିଏ ହେଲେ ଯୋଗାଯୋଗ ସୂଚାଉ ନଥିଲା । କୋର୍ଟ ଦେଖିବାକୁ ପାଇଥିଲେ ଯେ ରାଜ୍ୟପାଳ ଉପରୋକ୍ତ କ୍ଷେତ୍ରରେ ତାଙ୍କର ଯେଉଁ ଇଚ୍ଛାଧୀନ କ୍ଷମତାକୁ ଉପଯୋଗ କରିଥିଲେ, ଯାହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଥିଲା । କିନ୍ତୁ ଶ୍ରୀଯୁକ୍ତ ସିନ୍ଦେଙ୍କୁ ସରକାର ଗଠନ କରିବାକୁ ଆମନ୍ତ୍ରଣ କରିବା ପାଇଁ ରାଜ୍ୟପାଳ ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ଯଥାର୍ଥ ଥିଲା ବୋଲି କୋର୍ଟ କହିଛନ୍ତି, କାରଣ ସେତେବେଳକୁ ଶ୍ରୀଯୁକ୍ତ ଠାକ୍‌ରେ ନିଜ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରି ସାରିଥିଲେ । ମହାରାଷ୍ଟ୍ରର ଗତ ବର୍ଷର ଉପରୋକ୍ତ ମାମଲା, ଯେଉଁଥିରେ ଶ୍ରୀଯୁକ୍ତ ଉଦ୍ଧବ ଠାକରେଙ୍କୁ ନିଜ ପଦ ତ୍ୟାଗ କରିବାକୁ ପଡ଼ିଥିଲା ଏବଂ ଏକ ନୂଆ ସରକାର ଗଠନ ହୋଇଥିଲା, ସେହି ପରିପ୍ରେକ୍ଷୀରେ କୋର୍ଟଙ୍କ ସାମ୍ପ୍ରତିକ ରାୟ ରାଜନୀତିକ ବିଭାଜନଗୁଡ଼ିକର ବିଚାର ଭବିଷ୍ୟତରେ କେଉଁ ମୋଡ଼ ନେବ ଏବଂ ବାଚସ୍ପତିମାନେ ଅଯୋଗ୍ୟ ଘୋଷଣା ମାମଲାଗୁଡ଼ିକ କ୍ଷେତ୍ରରେ କେଉଁ ପ୍ରକାରର ଆଭିମୁଖ୍ୟ ଆପଣାଇବେ, ସେସବୁର ରୂପରେଖ ନିର୍ଦ୍ଧାରଣ କରିପାରେ । କିନ୍ତୁ ପ୍ରଶ୍ନ ଉଠିବା

କି ? ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଆଉ ମାତ୍ର ବର୍ଷକଠୁ ସାମାନ୍ୟ ଅଧିକ ସମୟ ହାତରେ ରହିଥ?ବା ବେଳେ ଏମିତି କିଛି ଘଟିବାର ସମ୍ଭାବନା କ୍ଷୀଣ ହୋଇଥିବା ମନେହୁଏ । ଶ୍ରୀଯୁକ୍ତ ସିନ୍ଦେ ଏହାକୁ ନିଜର ବିଜୟ ବୋଲି ଦାବି କରିବେ ; କୋର୍ଟଙ୍କ କଥା ପ୍ରତି କଦାଚିତ୍ ସେ ଗୁରୁତ୍ୱର ସହିତ କର୍ତ୍ତପାତ କରିବେ । ବର୍ତ୍ତମାନ ପାଇଁ ତ ସେ ମୁଖ୍ୟମନ୍ତ୍ରୀ ଅବଶ୍ୟ ରହିବେ । ରାଜ୍ୟରେ ସରକାର ଗଠନ ପାଇଁ ବିଜେପି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଏହା ଆଇନଗତ ଯୁଦ୍ଧରେ ବିଜୟୀ ହୋଇଥିବା ଦର୍ଶାଇବାକୁ ପଛଘୁଞ୍ଚା ଦେବନାହିଁ । ତେବେ ଏସବୁର ମୂଳରେ ରହିଥିବା ବ୍ୟକ୍ତି ଶ୍ରୀଯୁକ୍ତ ଠାକ୍‌ରେ ଯଦିଓ ଏହାକୁ ତାଙ୍କର ନୈତିକ ବିଜୟ ବୋଲି ଦାବି କରି ପାରିବେ, ହେଲେ ଆଗାମୀ ନିର୍ବାଚନରେ ତାଙ୍କୁ ଏଇ ବିଜୟ କେତେଦୂର ସହାୟକ ହେବ, ତାହା ଏବେଠୁ କହିବା ସହଜ ନୁହେଁ । ତାଙ୍କ ପାଇଁ ଆଗକୁ ପଥ ଏବେ ସୁଦ୍ଧା ତୀଖ ଉଠାଣି ଚଢ଼ିବା ଭଳି ରହିଥିବା ମନେହୁଏ ।

ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟର ନାୟକ ନାୟିକା ଓ ଓଡ଼ିଶା ପ୍ରସିଦ୍ଧ ବାଲେଶ୍ୱରର ଜଉକଣ୍ଢେଇ ବାହାଘର ଲୋକପର୍ବ

କାଳିକିଙ୍କର

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କବିତାର ସଠିକ ମୂଲ୍ୟାୟନ ଆଜି ଯାଏଁ ସମ୍ଭବ ହୋଇନି । ତାଙ୍କର କବିତାରେ ଯେଉଁ ଭାବ ବୈଭବ ଓ ଶବ୍ଦ ବୈଭବ ରହିଛି ତାହା ଅନନ୍ୟ ଓ ଅସାଧାରଣ । ସେ ଓଡ଼ିଆ ସାହିତ୍ୟର ଏମିତି ଜଣେ କବି ଯାହାଙ୍କର କବିତାର ଶବ୍ଦଗୁଡିକର ଅର୍ଥ ଜାଣିବାପାଇଁ ଜଣେ ପାଠକକୁ ଅଭିଧାନର ଆଶ୍ରୟରେ ଯିବାକୁ ପଡେ । ସେଥିପାଇଁ ତ କବିବର ରାଧାନାଥ ତାଙ୍କ ସମ୍ପର୍କରେ କହିଥିଲେ-

"ଭାଗ୍ୟବାନ ବେନି
ବାଣୀଙ୍କ କୁମର,
କବି ବଳଦେବ ଭଞ୍ଜ
ବୀରବର ।'' ତେବେ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟକଳା ମହାକବି କାଳୀ ଦାସଙ୍କର କାବ୍ୟ କଳା ସହ ତୁଳନା ଅବଶ୍ୟ କରାଯାଇପାରେ ତେବେ ଏ ତୁଳନାରେ ମଧ୍ୟ କବି ଭଞ୍ଜ ଶ୍ରେଷ୍ଠ ବୋଲି ସ୍ୱୀକାର କରିବାକୁ ପଡିବ । କବିଙ୍କର ପାଣ୍ଡିତ୍ୟର ତୁଳନା ଅସମ୍ଭବ । ତାଙ୍କର କବିତାର ଗ୍ରହଣୀୟତା ସ୍ୱଜନବ୍ୟାପି । ପଣ୍ଡିତଙ୍କଠାରୁ ଅପଣ୍ଡିତଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କବି ଉପେନ୍ଦ୍ର ଭଞ୍ଜଙ୍କର କବିତାର ଆଦୃତି ରହିଛି । ଡ଼ଃ ହରେକୃଷ୍ଣ ମହତାବ ଉପେନ୍ଦ୍ର ଭଞ୍ଜଙ୍କର କବିତା ଓ ତାଙ୍କର ସମ୍ପର୍କରେ ଲେଖିବାକୁ ଯାଇ ସ୍ୱୀକାର କରିଛନ୍ତି ଯେ ଉପେନ୍ଦ୍ର ଭଞ୍ଜ କେବଳ କବି ସମ୍ରାଟ ନୁହଁନ୍ତି ସେ ଜଣେ ଅନନ୍ୟ ସୁର ସମ୍ରାଟ ମଧ୍ୟ । ସତରେ ଉପେନ୍ଦ୍ର ଭଞ୍ଜଙ୍କର କବିତା କାହାପାଖରେ ପହଞ୍ଚି ପାରିନାହିଁ ଯେ ? ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ କହିଛନ୍ତି-

ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାଂଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତପୁରେ
ଯୋଷା ନୃତ୍ୟ ରଙ୍ଗେ ବାରାଙ୍ଗନା ।

କବି ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ବିଶ୍ୱଚେତନା ବା ବିଶ୍ୱ ଭାବନା ଦେଖିବାକୁ ମିଳେ ।

ଯଦି ଆମେ ଲାବଣ୍ୟବତୀ କାବ୍ୟକୁ ଆଲୋଚନା କରିବା ତେବେ ତାହା ତାଙ୍କର ସର୍ବ ଶ୍ରେଷ୍ଠ କାବ୍ୟର ମର୍ଯ୍ୟାଦା ପାଇ ନପାରେ ତେବେ ତାଙ୍କର ଏହି କାବ୍ୟରେ ଯେଉଁ ସୁନ୍ଦର ଓ ସ୍ୱଚ୍ଛ କଳ୍ପନାଗତ ଆଦର୍ଶ ରହିଛି ତାହା ସ୍ୱୀକାର କରିବାକୁ ପଡିବ । ଦ୍ୱିତୀୟରେ ଓଡ଼ିଆ ସାହିତ୍ୟରେ କବି ଉପେନ୍ଦ୍ର ଭଞ୍ଜ ଏମିତି ଜଣେ ସ୍ୱତନ୍ତ୍ର କବି ଯିଏ ରାଜକୁଳର ବୈଭବ ଭିତରେ ଜନ୍ମିଥିଲେ ମଧ୍ୟ ସେ ହୋଇପାରିଥିଲେ ନିଜେ ଜଣେ କବି । ରାଜପରିବାର ଭୋଗ ବିଳାସ, ଚାଟୁକାରିତା, ଅତ୍ୟାଚାର, କାମଲାଳସା ତାଙ୍କୁ କକ୍ଷଚ୍ୟୁତ କରିପାରି ନ ଥିଲା ।

କବି ଉପେନ୍ଦ୍ର ଭଞ୍ଜ ଷୋଡଶ ଛାନ୍ଦରେ ଲେଖିଛନ୍ତି-

ଯେ ବଂଶେ ଇଷ୍ଟ
ଦୁର୍ଗାଦେବୀ, ବରହି
କୋଷରୁ ସମ୍ଭବି ।
ମନୁଷ୍ୟ ଏହି
ଅଦଭୁତ, ଭଞ୍ଜାନୁଭଞ୍ଜ ନାମ ସତ ।
ବିଶିଷ୍ଟ ବଶିଷ୍ଟ ପାଳକା, ଶ୍ରୀରାମ
ଦତ୍ତ ରାଜ ଟୀକା ।
ସେ କୁଳେ ରାଜା ଧନଞ୍ଜୟ,
ସମସ୍ତ ଗୁଣର ନୀଳୟ ।
ଘୁମୁସର ଅଧିପ ପଣେ,
ଲୋକେ ବିଖ୍ୟାତ କବି ଗୁଣେ ।
ତଦଗତ ତାହାଙ୍କ ତନୁଜ,
ନରେଶ ନୀଳକଣ୍ଠ ଭଞ୍ଜ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ,
ଉପେନ୍ଦ୍ର ଭଞ୍ଜ ନାମ ବହି ।
ତାରକ ମନ୍ତ୍ର ପରସାଦେ,
ମୋହର କବି ପଣ ଉଦେ ।

ଏଣୁ ଏଥିରୁ ସ୍ପଷ୍ଟ ଭାବରେ ସ୍ୱୀକାର କରିବାକୁ ହେବ ଯେ ରାଜପରିବାରରେ ଜନ୍ମ ହୋଇ ଏବଂ ସମସ୍ତ ସୁଖ ସମ୍ଭୋଗର ପଥ ଉନ୍ମୁକ୍ତ ଥିଲାବେଳେ ଏ ରାଜକୁମାର କବି ଭାବରେ ବଞ୍ଚିବାକୁ ଶ୍ରେୟ ମଣିଲେ ଯାହା ସେ ସମୟରେ ସହଜ ନ ଥିଲା । ତେଣୁ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ଏକ ଗଭୀର ସହାନୁଭୂତି ପ୍ରଦର୍ଶନ କରାଯିବା ଉଚିତ । ତାରକ ମନ୍ତ୍ର ବା ମାଆ ତାରାଙ୍କର କରୁଣାରୁ ସେ କବି ହୋଇଛନ୍ତି ବୋଲି ମଧ୍ୟ କହିଛନ୍ତି ଏହା ତାଙ୍କର ଏକ ଦ୍ୱୈ ଚେତନାପ୍ରତି ସମର୍ପଣ ଭାବକୁ ଦର୍ଶାଏ ।

ଉପେନ୍ଦ୍ର ଭଞ୍ଜଙ୍କର ସମୟ ଥିଲା ଭିନ୍ନ । ରାଜାମାନେ ସୁନ୍ଦରୀ ସ୍ତ୍ରୀମାନଙ୍କୁ ଭୋଗ କରୁଥିଲେ ଓ ଭୋଗ କରି ତାଙ୍କୁ ଛାଡି ଦେଉଥିଲେ । ରାଜାମାନଙ୍କ ପାଇଁ ପ୍ରେମର ବିଶେଷ ମହତ୍ତ୍ୱ ନ ଥାଏ । ସେମାନେ ତାଙ୍କ କଳବଳ ଉପରେ ବିଶ୍ୱାସ କରୁଥିଲେ । ନିରୀହ ପ୍ରଜାଙ୍କ ଉପରେ ଚାଟୁକାରମାନଙ୍କ ମନ୍ଦ ଉଦ୍ଦେଶ୍ୟକୁ ବିଚାରକୁ ନ ନେଇ ପ୍ରତାଡିତ କରୁଥିଲେ । ସେମିତି ସମୟ ଓ ପରିବେଶ ଭିତରେ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାସ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଓ ଲାବଣ୍ୟବତୀ ଭଳି ଅନନ୍ୟ କବ୍ୟ କବିତାର ସୃଷ୍ଟି । ସମାଲୋଚକମାନେ କବିଙ୍କର କବିତାରେ ଅଶ୍ଳୀଳତା ସମ୍ପର୍କରେ ଉଲ୍ଲେଖ କରନ୍ତି । କିନ୍ତୁ ଏ ସମାଲୋଚନା ମାନଙ୍କୁ ଅନ୍ତର୍ଦୃଷ୍ଟିରେ ବିଚାର କଲେ ଭୁଲ ପ୍ରମାଣିତ ହୁଏ । ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ କବିତାରେ ଯେଉଁ ପ୍ରେମଭାବର ଉଲ୍ଲେଖ ରହିଛି ତାହା ଯେ ଅଶ୍ଳୀଳ ନୁହେଁ- ଏ କଥା ସହଜରେ ବୁଝିହେବ । ଯେମିତି ଲାବଣ୍ୟବତୀ କବିତାରେ ଯୌବନଲାଭ କରୁଥିବା କାଞ୍ଚିର ରାଜକୁମାରୀ ଲାବଣ୍ୟବତୀଙ୍କ ଉଦ୍ଦେଶ୍ୟରେ ତାଙ୍କର ସଖୀମାନେ କହୁଛନ୍ତି -

ବାଣୀ କୋକିଳୁ ମଧୁର ହେବାରୁ,
ନଖ ନିଆଳି ଛବି ବହିବାରୁ ।
ହୃଦନଦରେ ଚିତ୍ତ ରଞ୍ଜିବାରେ,
ସ୍ତନ କମଳ କଳି ବଢ଼ିବାରେ ।
କାନ୍ତି କେତକୀ ଦିନୁଁ ଦିନ ଚାରୁ,
ଚାହିଁ ଆମ୍ଭେମାନେ ମନେ ବିଚାରୁ ।
ପୁଷ୍ପ ସମୟ ହେଲାଣି ନିକଟ,
ସତ କହ ହୋଇଲା କି ପ୍ରକଟ ?

ଏମିତି କବିତା ଭିତରେ ଯେଉଁ ଜୀବନ, ଯେଉଁ ପ୍ରେମ ଓ ପ୍ରତ୍ୟୟ ଫୁଟିଛି ତାକୁ ଅଶ୍ଳୀଳତା କହିବା ସମୁଚିନ ନୁହେଁ । କବି ଉପେନ୍ଦ୍ର ଭଞ୍ଜ ଜଣେ ରାଜ ପରିବାରରେ ଜନ୍ମିତ ସାଧାରଣ ମଣିଷଙ୍କର କବି । ତାଙ୍କ କବିତାରେ ସାଧାରଣ ମଣିଷର ଜୀବନ ପ୍ରତିଫଳିତ ହୋଇଥାଏ । ରାଜପରିବାରର ଆଡମ୍ବର ଭିତରେ ସାମାଜିକ ସମ୍ବନ୍ଧକୁ ଅନୁଭବ କରିଛନ୍ତି କବି ଉପେନ୍ଦ୍ର ଭଞ୍ଜ । ବାପା, ମାଆ, ଶାଶୁ, ଶଶୁର ନଣନ୍ଦ ଆଦିର ସମ୍ପର୍କକୁ ମଧ୍ୟ ସେ ପ୍ରାଧାନ୍ୟ ଦେଇଛନ୍ତି । କବି ଲାବଣ୍ୟବତୀ କବ୍ୟର ୨୩ ଛାନ୍ଦର ୩୧ ପଦରେ କହିଛନ୍ତି-

କେ ଶାଶୁ, ନଣନ୍ଦ ଭୟରେ ପ୍ରିୟକୁ
କିଛି ନ କହି ତକ୍ଷଣେ ଜାତକରି
ଇକ୍ଷଣେ ନ ବାରି ପୟକୁ ।

ଏହାଛଡା ଲାବଣ୍ୟବତୀରେ କବି ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ଅମ୍ଳାନ ପ୍ରେମ ଆକର୍ଷଣକୁ ସୁନ୍ଦର ଭାବରେ ଚିତ୍ରିତ କରିଛନ୍ତି । ଚନ୍ଦ୍ରଭାନୁର ପତ୍ନୀ ଅନୁରାଗ ତଥା ଲାବଣ୍ୟବତୀର ପତିବ୍ରତ ଧର୍ମର ସେ ଯେଉଁ ନିଦର୍ଶନ ଦେଇଛନ୍ତି ତାହା ବେଶ ମନ ମୁଗ୍ଧକର । ଲାବଣ୍ୟବତୀ କାବ୍ୟଗ୍ରନ୍ଥରେ କୌଣସି ବିଶେଷ ବିଳାସତା ନାହିଁ ।ଏହାର କାବ୍ୟଶିଳ୍ପ ବେଶ ସୁରୁଚିକର । ଏହାର ସମସ୍ତ ଚରିତ୍ର ଅତି ଆପଣାର । ଏହି କାବ୍ୟର ଭାଷା ଓ ଭାବ ଛନ୍ଦମୟ । ସେମିତି ଭାବରେ ବିଚାର କଲେ ଉପେନ୍ଦ୍ରୀୟ କବତାର ଭାଷା ଅତ୍ୟନ୍ତ ଶିକ୍ଷାପ୍ରଦ ।

ଏହାଛଡା ଯଦି ଲାବଣ୍ୟବତୀ କାବ୍ୟର ବିଷୟବସ୍ତୁ ଉପରେ ଦୃଷ୍ଟିପାତ କରିବା ତେବେ ତାହା ଆରମ୍ଭ ହୁଏ ସିଂହଳ ରାଜକୁମାର ଚନ୍ଦ୍ରଭାନୁ ଓ କାଞ୍ଚି ରାଜକୁମାରୀ ଲାବଣ୍ୟବତୀଙ୍କର ଜନ୍ମବୃତ୍ତାନ୍ତଠାରୁ । ଏହାପରେ ପୁଷ୍ପ ବିକାଶ, ବେଶ ପେଶଳ, ଉପଚାର ବିହାର, ଜଳକ୍ରୀଡା, ନୃପୋସ୍ତ୍ର, ମଦନିକା ପ୍ରବେଶ, ସ୍ୱରୂପ ପ୍ରତିମା ଦର୍ଶନ, ବିଚିତ୍ର ଦର୍ଶନ, ବିରହ ଉଦ୍ଦୀପନା, ସତ୍ୟ ସଂକେତ, ଚନ୍ଦ୍ରଭାନୁର ସ୍ୱପ୍ନ ବିଳାପ ଇତ୍ୟାଦିଠାରୁ ଦମ୍ପତି କୌତୁକ ଏବଂ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ଅଭିଷେକ ଓ ରାଜ୍ୟ ଶାସନ ପର୍ଯ୍ୟନ୍ତ ।

ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ନାମକ ସୁନ୍ଦରୀ ଯୁବତୀ ଓ ଯୁବକଙ୍କୁ ନେଇ ଉପେନ୍ଦ୍ରଭଞ୍ଜଙ୍କର ଏ କାବ୍ୟ ଖୁବ ରାସାଣିତ । ବାଲେଶ୍ୱର ଜଉ କଣ୍ଢେଇ ଲୋକପର୍ବ ସେହି ପ୍ରେମୀ ଯୁଗଳଙ୍କର ଶାଶ୍ୱତ ପ୍ରେମର ପ୍ରତୀକ । ଏହି ଲୋକପର୍ବ ଆଜି ଏକ ଗଣ ମହୋତ୍ସବ ହୋଇଯାଇଛି । ଏ ଲୋକପର୍ବ ବା ଜଉକଣ୍ଢେଇ ବାହାଘର ଉତ୍ସବ ଆଜି ଜାତି ଧର୍ମ ନିର୍ବିଶେଷରେ ଏକ ମାନବୀୟ ମୂଲ୍ୟବୋଧର ପରିଚୟ ସୃଷ୍ଟି କରିପାରିଛି ।

ପ୍ରାୟ ତେରବର୍ଷ ତଳେ କବି ବ୍ରଜନାଥ ରଥ, ମହେଶ୍ୱର ବାଗ, ଇଂ ରବୀନ୍ଦ୍ର ଜେନା, ଶିଳ୍ପୀ କେଶୁ ଦାସ ଆଦି ବାଲେଶ୍ୱରର ଏହି ପୁରୁଣା ସଂସ୍କୃତି ବା ପରମ୍ପରାକୁ ପୁନଃର୍ଜିବିତ କରିବାକୁ ପ୍ରୟାସ କରି ଏ ଲୋକ ଉତ୍ସବ ଆରମ୍ଭ କରିଥିଲେ । ଆଜି ଏହି ଜଉକଣ୍ଢେଇ ବାହାଘର କେବଳ ବାଲେଶ୍ୱର ନୁହେଁ ସାରା ଦେଶକୁ ପରିବ୍ୟାପ୍ତ ହୋଇଯାଇଛି । ଓଡ଼ିଆଣି ମାନଙ୍କର ପବିତ୍ର ସାବିତ୍ରୀ ପର୍ବ ଅବସରରେ ବାଲେଶ୍ୱରର ଆଇଟିଆଇ ପଡ଼ିଆରେ ଏ ଗଣପର୍ବ ପ୍ରତିବର୍ଷ ଖୁବ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଆସୁଛି । ପ୍ରତିବର୍ଷ କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ନେଇ ଏହି ବାହାଘର ଅନୁଷ୍ଠିତ ହୁଏ । ଆମ ସମାଜର ବିଭିନ୍ନ ଜାତି ଓ ସମ୍ପ୍ରଦାୟରୁ ଦୁଇ ପରିବାର କନ୍ୟାପକ୍ଷ ଓ ବରପକ୍ଷ ହୁଅନ୍ତି । ସାରା ସହରର ଲୋକେ ମିଳିତ ଭାବରେ ଲଗ୍ନଧରା, ବାହାଘର, ଚତୁର୍ଥୀ ଆଦିରେ ସାମିଲ ହୁଅନ୍ତି । ସାରା ବାଲେଶ୍ୱର ପରିବାର ଯେମିତି ଗୋଟିଏ ପରିବାର ପାଲଟି ଯାଆନ୍ତି । ଓଡିଶା ଓ ଓଡିଶା ବାହାରୁ ବହୁ ପାରମ୍ପରିକ ଲୋକ ନୃତ୍ୟ, ନୃତ୍ୟ କଳା, ନୃତ୍ୟ ସଙ୍ଗୀତ ଦଳ ଯୋଗ ଦିଅନ୍ତି । ପ୍ରତିଦିନ ସନ୍ଧ୍ୟାରେ ସାରା ରାଜ୍ୟରୁ କଳାକାରମାନେ ଆସି ନିଜନିଜର ପ୍ରତିଭା ପ୍ରଦର୍ଶନ କରନ୍ତି । ରାଜ୍ୟର ପ୍ରମୁଖ ବ୍ୟକ୍ତିମାନେ ଆସି ବିଭିନ୍ନ ବିଷୟରେ ଏକ ମୁକ୍ତ ଆଲୋଚନା କରନ୍ତି । ଧାଡି ଧାଡ଼ି ହୋଇ ଦୋକାନ ବସେ । ପିଲାଠାରୁ ବୁଢ଼ାପର୍ଯ୍ୟନ୍ତ ସମସ୍ତଂକପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୁଏ । ସରକାରଙ୍କ ତରଫରୁ ଅନେକ ଷ୍ଟଲ ଲଗାଯାଏ ।

ପାଞ୍ଚଦିନବ୍ୟାପୀ ଏହି ଜଉକଣ୍ଢେଇ ବାହାଘର

ମନୀଷା

ବିଷ୍ଣୁ ପ୍ରସାଦ ଦାସ



ପରିବାରର ଜଂଜାଳ ଭିତରେ ମନୀଷା ଏତେ ନିମଗ୍ନ ହୋଇଯାଏ ଯେ ତା'କୁ ସମୟ ଜଣାପଡେ ନାହିଁ, ସୂର୍ଯ୍ୟୋଦୟ ପୂର୍ବରୁ ପ୍ରତିଦିନ ଉଠି ତା'ର ନିତ୍ୟ କର୍ମ ସାରି ମେସିନ ପରି କାମ କରିଚାଲେ, ନଅଟା ତିରିଶ ବେଳକୁ ସ୍ୱାମୀ ଅଫିସ ଯିବେ ତା'ଙ୍କ ପାଇଁ ଜଳଖିଆ, ଟିଫିନ ବକ୍ସ ରେଡି କରିବାଠାରୁ ଝିଅର କଲେଜ ଯିବାପାଇଁ ଯାହା ଦରକାର ତା'କୁ ସଜାଡ଼ିବା ମନୀଷାର ନିତିଦିନିଆ କାର୍ଯ୍ୟ । ଝିଅ ସୁମି ପ୍ଲସଟୁ ବିଜ୍ଞାନ ଛାତ୍ରୀ, ଏତେବଡ଼ ପିଲାଟି ହେଲାଣି କିନ୍ତୁ ଆଜିଯାଏ ତା'ର ପିଲାଳିଆମୀ ଯାଇନାହିଁ ସବୁବେଳେ ମା' କାନି ଧରିଥିବ ଓ ବାପା , ମା'ଙ୍କର ଗୋଟିଏ ବୋଲି ସନ୍ତାନ ସେଇଥିପାଇଁ ଟିକେ ଅଳିଅଳି ହୋଇଛି ବୋଲି ସମସ୍ତେ କହୁଛନ୍ତି ଓ ଝିଅର ଡ୍ରେସ ଇସ୍ତ୍ରୀ କରିବା , ତା'ର ଟିଫିନ ରେଡି କରିବା ଆଉ ଶେଷରେ ସୁମିକୁ ନେଇ ଗେଟ ପାଖରେ ଛାଡିବା ପରେ ମନୀଷା ଟିକେ ନିଶ୍ୱାସ ମାରିବାକୁ ସମୟ ପାଏ , ସପ୍ତାହକ ଛଅ ଦିନ ଏହିପରି କାର୍ଯ୍ୟ ଲାଗିଥାଏ , କେବଳ ରବିବାର ବା ସ୍ୱତନ୍ତ୍ର ଛୁଟିଦିନ ଗୁଡିକ ଟିକେ ବିଶ୍ରାମ ମିଳେ । ମନୀଷାର ବୟସ ପଇଁଚାଳିଶ , କିନ୍ତୁ କେଜାଣି କାହିଁକି ଟିକେ ବେଶୀ ବୟସ୍କା ପରି ମନେହୁଏ, ଏଇ କଥା ତା'ର ସ୍ୱାମୀ ସୂର୍ଯ୍ୟକାନ୍ତ ଅନେକଥର କହିଛନ୍ତି, ଝିଅ ସୁମୀ ମଧ ତା'କୁ କହିଛି ଯେ ସେ ତା'ର ଯତ୍ନ ନେଉ ଓ ମନୀଷା ସତରେ ଖୁବ ସରଳ ପ୍ରକୃତିର ମହିଳା , ତା'ର ନିଜ ଯତ୍ନ ନେବାର କୌଣସି ଆଗ୍ରହ ତା'ପାଖରେ ନାହିଁ କହିଲେ ଚଳେ , ଏକ ସୁଗୃହିଣୀ ହୋଇ ପରିବାରର ସୁଖ ଦେଖିବା ତା'ର ପ୍ରଧାନ କାର୍ଯ୍ୟ, ପରିବାର ସୁଖୀ ହେଲେ ସେ ସୁଖୀ । ଆଧୁନିକ ଦୁନିଆର ଚାକଚକ୍ୟ ଠାରୁ ଦୂରରେ ରହି ନିଜ ଜୀବନ ଶୈଳୀକୁ ସେ ନିଜ ପରିବାର ପାଇଁ ଉତ୍ସର୍ଗ କରିଦେଇଛି, ହୁଏତ ତା' ମନ ଭିତରେ କିଛି କ୍ଷୋଭ ଭରିରହିଛି ଯେଉଁଥି ପାଇଁ ସେ ନିଜ ଜୀବନକୁ ଏପରି ତିଳ ତିଳ କରି କଷ୍ଟ ଦେଇ ଚାଲିଛି । ସୂର୍ଯ୍ୟକାନ୍ତ ଏକ ସରକାରୀ ଅଫିସରେ ଉଚ୍ଚ ପ୍ରଶାସନିକ ଅଧିକାରୀ , ତାଙ୍କର ସ୍ୱଭାବ ଖୁବ ଭଲ କିନ୍ତୁ ଟିକେ ସନ୍ଦେହୀ ମଣିଷ , ଯଦିଓ ଆଧୁନିକ ଯୁଗର ମଣିଷ ତେବେବି ତା'ଙ୍କ ଚିନ୍ତାଧାରା ଟିକେ ପଛୁଆ ଥାଏ । ତା'ଙ୍କ ପିତା ମାତା ନିକଟବର୍ତ୍ତୀ ଗ୍ରାମରେ ଥା'ନ୍ତି , ପିତା ମାତାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ପିଲାଦିନରୁ ଟିକେ ଏକଜିଦିଆ ସ୍ୱଭାବର ।

ମନୀଷା ରାଜନୀତି ବିଜ୍ଞାନରେ ସ୍ନାତକତ୍ତୋର କରିଛି , ପିଲାବେଳେ ଗାଁ ସ୍କୁଲରେ ପଢୁଥିବା ବେଳେ ଖୁବ ଚୁଲବୁଲି ଝିଅଟିଏ ଥିଲା, ସବୁ ବିଦ୍ୟାରେ ଧୁରନ୍ଧର, ଗଛ ଚଢିବା, ସନ୍ତରଣ କରିବା, କବାଡି ଖେଳିବା, ଦୌଡ଼ ସବୁଥିରେ ଆଗୁଆ, ପୂଜା ପାର୍ବଣ ହେଲେ ରାତି ଚାରିଟାରୁ ଉଠି ସାଙ୍ଗ ମାନଙ୍କ ସହିତ ଫୁଲ ସଂଗ୍ରହ କରିବା, ଖୁଦୁରୁକୁଣୀ ପୂଜାରେ ତା'ର ଭୂମିକା ଖୁବ ନିଆରା ଥାଏ, ନିଜର ବଳିଷ୍ଠ ନେତୃତ୍ୱ ତା'ର ସମବୟସୀ ଝିଅ ମାନଙ୍କ ପାଖରେ କିଛି ସ୍ୱତନ୍ତ୍ର ସ୍ଥାନ ଦେଇଥାଏ, ସ୍କୁଲରେ ତା'କୁ କିଛି ପିଲା ଅଣ୍ଡିରୀଚଣ୍ଡୀ ଡାକୁଥିଲେ । ଦୁଷ୍ଟାମୀ ପାଇଁ ଅନେକଥର ସ୍କୁଲ ଶିକ୍ଷକଙ୍କ ଠାରୁ ଦଣ୍ଡ ମଧ ପାଇଛି ହେଲେ ତା'ର ପିଲାଳିଆମୀ ଯାଇ ନଥିଲା, ସମୟ ଗତି ଚାଲେ ବୟସ ବି ବଢି ଚାଲେ ଭଲ ନମ୍ବର ରଖି ମାଟ୍ରିକ ପାସ କଲା ଆଉ କଟକ ଆସି କଲେଜରେ ପାଠ ପଢିଥିଲା, ଧୀରେ ଧୀରେ ମନୀଷାର ସବୁ ପିଲାଳିଆମୀ ଚାଲିଗଲା । କେବେ ଯେ ତା'ର ହଷ୍ଟେଲ ଜୀବନ ସାତବର୍ଷ କଟିଗଲା ସେ ଜାଣିପାରିଲା ନାହିଁ , ରାଜନୀତି ବିଜ୍ଞାନରେ ସ୍ନାତକତ୍ତୋର ହୋଇ ସେ କିଛି ଚାକିରୀ ଖୋଜିବାରେ ବ୍ୟସ୍ତ ଥିଲା କିନ୍ତୁ ପରିବାରରେ ସମସ୍ତେ ମନୀଷା ଉପରେ ଚାପ ପକାଇ ଉଣେଇଶ' ପଞ୍ଚାନବେ ମସିହାରେ ମନୀଷା ସହିତ ସୂର୍ଯ୍ୟକାନ୍ତଙ୍କ ବିଭାଘର କରିଦେଇଥିଲେ ।

ଦୁଇପକ୍ଷର ସହମତି କ୍ରମେ ସାତ ଜନ୍ମକୁ ସାକ୍ଷୀରଖି ବିବାହ ବନ୍ଧନରେ ଆବଦ୍ଧ ନାରୀ ଏବଂ ପୁରୁଷ ମିଳନର ପ୍ରଥମ ରାତ୍ରିରେ ପରସ୍ପର ପରସ୍ପରକୁ ଚିହ୍ନିବାକୁ ଚେଷ୍ଟା କରନ୍ତି । ମନୀଷା କ୍ଷେତ୍ରରେ ସେହି ମୁହୂର୍ତ୍ତ ମଧ ଆସିଥିଲା କେତେ ପ୍ରେମ , ମିଠା ମିଠା କଥା, କେତେ ଶପଥ, କେତେ ଦୁଃଖ ସୁଖ ପରେ ଦୁହେଁ ଦୁହିଁଙ୍କ ସହିତ ନିବିଡ଼ ବନ୍ଧନରେ ବାନ୍ଧି ହୋଇ ସେହି ଆଦିମ ଯୁଗର ଆଦମ ଏବଂ ଇଭ ହୋଇ ଯାଇଥିଲେ, କେତେଯେ ରଙ୍ଗୀନ ସ୍ୱପ୍ନ ଆଉ ବାସ୍ତବତା ଭିତରେ ସେହି ଅଭୁଲା ବାସର ରାତ୍ରି ବିତିଯାଇଥିଲା ତାହା ନବବିବାହିତ ପତିପତ୍ନୀ ଦୁହେଁ ଜାଣି ପାରି ନ' ଥିଲେ, କାମନାର ଅନ୍ତ ନାହିଁ କିନ୍ତୁ ସୂର୍ଯ୍ୟଦେବ ନିର୍ଧାରିତ ସମୟରେ ଧରାପୃଷ୍ଠକୁ ନିଜର ଆଲୋକରେ ଆଲୋକିତ କରିବାକୁ ଉପକ୍ରମ କରିବା ସହିତ ମନୀଷା ସ୍ୱାମୀଙ୍କ ବାହୁବନ୍ଧନରୁ ନିଜକୁ ଅଲଗା କରି ବାଥ ରୁମ ଭିତରକୁ ପ୍ରବେଶ କରିଥିଲା । ସ୍ନାନ ସାରି ନିଜ ମୁକୁଳା କେଶକୁ ହେୟାର ଡ୍ରାୟର ଯୋଗେ ଶୁଖାଇବାକୁ ଉପକ୍ରମ କରୁଥିବା ସମୟରେ ସ୍ୱାମୀ ପଛପଟୁ ଆସି ମନୀଷାକୁ ନିବିଡ଼ ଭାବେ ଆଲିଙ୍ଗନ କରି ଚାଲିଥିଲେ, ମନୀଷାକୁ ସ୍ୱାମୀଙ୍କ ଏହିସବୁ ଆଚରଣ ଖୁବ ଭଲ ଲାଗୁଥିଲା କିନ୍ତୁ ଲଜ୍ଜାରେ କିଛି କହି ପାରୁନଥିଲା ଖାଲି ଉଁ , ଛାଡ଼ , କିଏ ଦେଖିବ ଇତ୍ୟାଦି ସହିତ ତା'ର ଶରୀରରେ ଅଗ୍ନି ଉଦ୍ଗିରଣ ହୋଇ ଚାଲିଥିଲା । କୁମାରୀ କନ୍ୟାରୁ ବିବାହିତ ମହିଳା ହେବାର ପ୍ରମାଣପତ୍ର ତ' ସ୍ପଷ୍ଟ ବାରିହୋଇ ଯାଉଥିଲା ଓଃ ! ଏହିସବୁ ଦେଖି ମନୀଷା କି ଲଜ୍ଜା ଅନୁଭବ କରୁଥିଲା ତାହା ସେ ହିଁ କହିପାରିବ ଓ ଛାଟିପିଟି ହୋଇ ସ୍ୱାମୀଙ୍କ ବାହୁବନ୍ଧନରୁ ମୁକୁଳି ସିଧା ଅଗଣା ଆଡ଼କୁ ଚାଲିଯାଇଥିଲା । ମନୀଷା ସଦ୍ୟ ସ୍ନାନ କରି ଆସିବାପରେ ମଧ ଅନୁଭବ କରୁଥିଲା ତା'ର ଶରୀରଟା ସତେ ଯେମିତି ଉତପ୍ତ ଅଗ୍ନି ପିଣ୍ଡୁଳା ପାଲଟିଯାଇଛି , ଛାତିର ସ୍ପନ୍ଦନ ଅନେକ ବଢିଯାଇଛି , ତା' ଜୀବନର ଏହା ପ୍ରଥମ ଅନୁଭୂତି ଥିଲା । ନାରୀ ପୁରୁଷ ଦୁହେଁ ଦୁହିଁଙ୍କ ପାଇଁ ଗଢା, ସୃଷ୍ଟି କର୍ତ୍ତାଙ୍କ ଏହା ଏକ ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ ଓ ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ସ୍ନେହ, ପ୍ରେମ, ବିଶ୍ୱାସ, ସହଯୋଗ, ପ୍ରତିବଦ୍ଧତା, ସହନଶକ୍ତି ତଥା ସମ୍ମାନର ଅନେକ ଆବଶ୍ୟକତା ଥାଏ ।

ସ୍ୱାମୀଙ୍କର ଅନାବିଳ ଭଲପାଇବା ସୁଖୀ ଦାମ୍ପତ୍ୟ ଜୀବନକୁ ଆହୁରି ରଙ୍ଗୀନ କରି ଚାଲିଥିଲା, ମନୀଷା ନିଜକୁ ଖୁବ ଭାଗ୍ୟବତୀ ମନେକରୁଥିଲା । ସୂର୍ଯ୍ୟକାନ୍ତ ଛୁଟି ଦିନ ମାନଙ୍କରେ ନିଶ୍ଚିତ ରୂପେ ମନୀଷାକୁ କୌଣସି ନା କୌଣସି ଦର୍ଶନୀୟ ସ୍ଥାନକୁ ନେଇଯାଉଥିଲେ, ଦୁହେଁ ସେହିଦିନ ଗୁଡିକ ଖୁବ ଆନନ୍ଦରେ କାଟି ବାହାରେ ହୋଟେଲରେ ଖାଇ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେଇ ସବୁ ରୋମାଞ୍ଚକର ଅନୁଭୂତି ମନେପଡିଗଲେ ଆଜିବି ସେହି ସ୍ୱପ୍ନ ରାଜ୍ୟକୁ ମନୀଷା ଫେରିଯାଏ । ସୂର୍ଯ୍ୟକାନ୍ତଙ୍କୁ ତା'ଙ୍କ କାର୍ଯ୍ୟ ଦକ୍ଷତା ପାଇଁ ପଦୋନ୍ନତି ମିଳିଥିଲା ଫଳରେ କାର୍ଯ୍ୟଭାର ବଢିଯାଇଥିଲା ତେଣୁ ସେ ଏତେଟା ମନୀଷା ପ୍ରତି ଧ୍ୟାନ ଦେଇ ପାରୁନ'ଥିଲେ ତା'ମାନେ ନୁହେଁଯେ ସୂର୍ଯ୍ୟକାନ୍ତ ନିଜ ସ୍ତ୍ରୀଙ୍କୁ ଉପେକ୍ଷା କରୁଥିଲେ । ସରକାରୀ ଚାକିରୀ 'ନେଇ ଆଣି ଥୋଇ ପାରିଲେ ସୁନା ପୁଅ' ନ'ହେଲେ ଶୁଖିଲା ଆରୋପ ଲାଗିବାର ଭୟ ସର୍ବଦା ଥାଏ ଓ ଜିଲ୍ଲାପାଳ ପ୍ରାୟ ସବୁଦିନ ସୂର୍ଯ୍ୟକାନ୍ତ ସହିତ କଥା ହୋଇ ନୂତନ ଦାୟିତ୍ୱ ଅର୍ପଣ କରିଥାନ୍ତି ଏବଂ ପୁରୁଣା କାର୍ଯ୍ୟର ଫଳାଫଳ ଜାଣିନେଇଥା'ନ୍ତି । ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ହେଲେ ଅନେକ କିଛି ତ୍ୟାଗ କରିବାକୁ ହୁଏ ଏବଂ ଅନେକ କିଛି ସରକାରୀ ସୁବିଧା ସୁଯୋଗ ମଧ ମିଳେ । ଏହା ଭିତରେ ସୂର୍ଯ୍ୟକାନ୍ତଙ୍କୁ ସରକାରୀ ଗୃହ , ଗୋଟିଏ ଜିପ ଗାଡି , ଡ୍ରାଇଭର , ଜଣେ ଅର୍ଡ଼ଲି ପିଅନ ମିଳିଛି, ହୁଏତ ଏହା ମନୀଷା ପାଇଁ ଏକ ଗର୍ବର ବିଷୟ, ସେ ଜଣେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ରୂପେ ସମାଜରେ ପରିଚିତ ହେଉଛି ।

ସକାଳେ ସୂର୍ଯ୍ୟକାନ୍ତଙ୍କ ପାଖକୁ ଅନେକ ଫୋନ ଆସେ ଏବଂ ସେ ତା'ର ଉତ୍ତର ଦେଇଥାନ୍ତି ଆଠଟା ବେଳେ ଦାସ ବାବୁ ଷ୍ଟେନୋ ଆସି ସୂର୍ଯ୍ୟକାନ୍ତଙ୍କ ଠାରୁ ଡିକ୍ଟେସନ ନେଇ ଚାଲିଯା'ନ୍ତି । ସତ କହିବାକୁ ଗଲେ ଏହିସବୁ ମନୀଷାକୁ ଆଦୌ ଭଲ ଲାଗେନାହିଁ , ସବୁବେଳେ ଘରେ କୋଳାହଳ , ଖାଲି ସେହି ଅଫିସ କାମ ଅଫିସ ଲୋକ ନିଜସ୍ୱ ସମୟ ନାହିଁ କହିଲେ ଚଳେ । ସୂର୍ଯ୍ୟକାନ୍ତ ଅଫିସରୁ ଫେରିଲା ବେଳକୁ ରାତ୍ରି ନଅଟା ବାଜିଯାଇ ଥାଏ , ତା'ପରେ ଟିକେ ବିଶ୍ରାମ ନେଇଥିବେ କି ନାହିଁ କଲେକ୍ଟରଙ୍କ ଫୋନ , ଖାଇ ଶୋଇବା ବେଳକୁ ରାତ୍ରି ବାରଟା । ସୁନା ପଞ୍ଜୁରୀରେ ଛଟପଟ ହେଉଥିବା ପକ୍ଷୀଟିଏ ପରି ମନୀଷାର ଅବସ୍ଥା , କୁଆଡେ ଗଲା ସେହି ପ୍ରେମ ? ସେହି ରୋମାଞ୍ଚ ? ସେହି ମିଳନ ? ସ୍ୱାମୀ ସ୍ତ୍ରୀଙ୍କ ମଝିରେ କାର୍ଯ୍ୟଭାର ଏକ ଶକ୍ତ ପ୍ରାଚୀର ହୋଇ ଠିଆ ହୋଇ ଯାଇଛି । ବିଛଣାରେ ପଡୁପଡୁ ସୂର୍ଯ୍ୟକାନ୍ତଙ୍କ ଘୁଙ୍ଗୁଡ଼ି ଆଉ ମନୀଷାର ବିରହ ବେଦନା ଉପଶମ ହେବାର କୌଣସି ବିକଳ୍ପ ନାହିଁ, ମନକୁ ବୁଝାଇ ଗାଧୁଆଘରେ ମନଇଚ୍ଛା ଧୁଆ ଧୋଇ ହୋଇ ଅଗତ୍ୟା ଶୋଇବାକୁ ଚେଷ୍ଟା କରେ କିନ୍ତୁ ଆଖିର ପଲକ ପଡେନାହିଁ , ମନ ସେହି ପୁରୁଣା ସ୍ମୃତିକୁ ଅହରହ ଝୁରୁଥାଏ ।

ମନୀଷାର ପରିବର୍ତ୍ତନକୁ ଲକ୍ଷକରି ସୂର୍ଯ୍ୟକାନ୍ତ ଥରେ ପଚାରିଥିଲେ ' ମନୀଷା ତୁମର କ'ଣ ହୋଇଛି ? ତୁମେ ଏବେ କାହିଁକି ଏତେ ରୁଗ୍ଣ ହୋଇଯାଉଛ ? ତୁମର ସେହି ହସ ହସ ମୁହଁ ଦେଖୁନାହିଁ କାହିଁକି ?' ମନୀଷା ଖାଲି ଶୁଣି ଟିକେ ଇଚ୍ଛା ବିରୁଦ୍ଧରେ ହସିଦେଇ ଚାଲିଯାଏ ଆଉ ସୂର୍ଯ୍ୟକାନ୍ତ ଅଫିସ କାର୍ଯ୍ୟରେ ମଜି ଯାଇଥା'ନ୍ତି । ଥରେ ସୂର୍ଯ୍ୟକାନ୍ତ ବାବୁଙ୍କୁ ତା'ଙ୍କ ଅଫିସରୁ ଛୁଟି ମିଳିଥିଲା ଦଶ ଦିନ ପାଇଁ , ସେ ଏହି ଜଞ୍ଜାଳମୟ ସଂସାରରୁ ଟିକେ ଦୂରକୁ ବୁଲିଆସିବାକୁ ଯୋଜନା କରିଥିଲେ, ନିର୍ଧାରିତ ଦିନରେ ସୂର୍ଯ୍ୟକାନ୍ତ ଏବଂ ମନୀଷା ବିମାନ ଯୋଗେ କାଶ୍ମୀର ଯାଇଥିଲେ , ସେଠାରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଫୁଣି ସେଇ ସଦ୍ୟ ବିବାହିତ ଦମ୍ପତିଙ୍କ ପରି ଜୀବନକୁ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରିବାର ସୁଯୋଗ ପାଇଥିଲେ, ସତରେ ମନୀଷା କାଶ୍ମୀରରେ ସ୍ୱର୍ଗ ସୁଖ ଅନୁଭବ କରିଥିଲା, ନା' ଥିଲା ସୂର୍ଯ୍ୟକାନ୍ତଙ୍କ ଅଫିର ଫୋନ,ନା' ଥିଲା କଲେକ୍ଟରଙ୍କ ତାଗିଦ, ନା' ଥିଲା ସକାଳର ଡିକ୍ଟେସନ , ଖାଲି ଭରି ରହିଥିଲା, ପ୍ରେମ, ରୋମାଞ୍ଚ ଆଉ ଅତ୍ମୀୟତା । ସ୍ୱାମୀ ସ୍ତ୍ରୀ ଦୁହେଁ ଦୁହିଁଙ୍କୁ ମନଭରି ପ୍ରେମର ବନ୍ଧନରେ ବାନ୍ଧି ଫେରିଯାଇଥିଲେ ସେହି 'ଆଦମ ଆଉ ଇଭ'ର ଯୁଗକୁ, ରଙ୍ଗୀନ ସ୍ୱପ୍ନ ଆଉ କାଶ୍ମୀରର ଶୀତଳ ବରଫ କଣିକାର ବର୍ଷା ପରିବେଶକୁ ଆହୁରି ରୋମାଞ୍ଚକର କରିଦେଇଥିଲା ଓ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର କାମନା ବାସନା ଦ୍ୱିଗୁଣିତ ହୋଇଯାଇଥିଲା , ହୋଟେଲ ରୁମର ନରମ ଗଦିର ବିଛଣା ଆଉ ମୋଟା ରେଜେଇ ତଳେ ଦୁଇଟି ଶରୀର ମିଶି ଏକ ହୋଇଯାଇଥିଲା, ଐଶ୍ୱରୀୟ ସୁଖର ଅନୁଭୂତି ମନୀଷାର ସବୁ ଅଭିମାନକୁ କାହିଁ କେତେ ଦୂରକୁ ନିକ୍ଷେପ କରିଦେଇଥିଲା । ସମୟ କାହାକୁ ଅପେକ୍ଷା କରେନାହିଁ, ଛୁଟି ଶେଷ ହୋଇ ଆସିଲା ଆଉ ଦୁହେଁ ପୁଣି ନିଜ ଚାକିରୀ ଜାଗାକୁ ଫେରି ଆସିଲେ, ପୁଣି ସେହି ଚିରାଚରିତ କାର୍ଯ୍ୟ ଆଉ ଦାୟିତ୍ୱ । ମନୀଷା ନିଜ ଦୁନିଆରେ ଏକୁଟିଆ ହୋଇ ଗଲା । ଦିନେ ସକାଳେ ମନୀଷାକୁ ଖୁବ ମୁଣ୍ଡ ବୁଲାଇ ବାନ୍ତି ହେବାରେ ଲାଗିଲା , ସୂର୍ଯ୍ୟକାନ୍ତ ବ୍ୟସ୍ତ ହୋଇ ତୁରନ୍ତ ଡାକ୍ତରଙ୍କୁ ଡାକିଥିଲେ, ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ସୂର୍ଯ୍ୟକାନ୍ତଙ୍କୁ ଖସି ଖବର ଦେଇଥିଲେ ଯେ ସୂର୍ଯ୍ୟକାନ୍ତ ବାପା ହେବାକୁ ଯାଉଛନ୍ତି । ସୂର୍ଯ୍ୟକାନ୍ତ ଖବର ଶୁଣି ଖୁବ ଖୁସି ହୋଇଥିଲେ, ମନୀଷାର ଖୁସିର ମଧ ସୀମା ନ'ଥିଲା ଓ ସୂର୍ଯ୍ୟକାନ୍ତ ମନୀଷାକୁ ଧରି ନାଚି ଉଠିଲେ, କାଶ୍ମୀର ଭ୍ରମଣ ଉପହାର ଭଗବାନ ଆମକୁ ଦେଇଛନ୍ତି, ଆସ ଭଗବାନଙ୍କ ନିକଟରେ ଶପଥ କରିବା, ଆମେ ଦୁଇଜଣ ଆମ ସନ୍ତାନକୁ ଖୁବ ସ୍ନେହ ମମତା ଦେଇ ତା'କୁ ମଣିଷ ପରି ମଣିଷ ଟିଏ କରି ଗଢି ତୋଳିବା । ନିର୍ଧାରିତ ସମୟରେ କନ୍ୟା ରତ୍ନଟିଏ ଜନ୍ମ ଗ୍ରହଣ କରି ସୂର୍ଯ୍ୟକାନ୍ତଙ୍କ ପରିବାରରେ ଆନନ୍ଦ ଭରିଦେଇଥିଲା ।

ଯଥାରୀତି ସ୍ନେହ ମମତା ଭିତରେ ଝିଅ ସୁମି ବଡ଼ ହେବାକୁ ଲାଗିଲା, କୌଣସି ଜିନିଷରେ ଅବହେଳା ଯେପରି ନ'ହେବ ସେଥିପାଇଁ ବାପା ମା' ଦୁହେଁ ଖୁବ ସତର୍କ ରହୁଥିଲେ , ଅତି ଗେଲବସରରେ ବଢିଥିବା ସୁମି ସ୍କୁଲ ଗଲା , ପାଠ ପଢ଼ାରେ ମଧ ସେ ଖୁବ ମେଧାବୀ ଛାତ୍ରୀ ହିସାବରେ ପରିଗଣିତ ହେଉଥିଲା । ସ୍କୁଲ ଶେଷ ପରେ ଏବେ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ରୀ ଓ ସୂର୍ଯ୍ୟକାନ୍ତ ନିଜର କାର୍ଯ୍ୟଦକ୍ଷତା ଦ୍ୱାରା ଆଇ.ଏ .ଏସ ପଦବୀକୁ ଉନ୍ନୀତ ହୋଇଛନ୍ତି, ନିଜର ଅମାୟିକ ବ୍ୟବହାର ତଥା କାର୍ଯ୍ୟ ଦକ୍ଷତା ତା'ଙ୍କୁ ଆଣି ଏପରି ସମ୍ମାନସ୍ପଦ ଜାଗାରେ ପହଞ୍ଚାଇ ପାରିଛି , ଏଥିରେ ଅବଶ୍ୟ ମନୀଷାଙ୍କ ଅବଦାନ ଅନେକ ଓ ଜଣେ ସୁଗୃହିଣୀ ସ୍ୱାମୀଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରି ଗୃହରେ ଶାନ୍ତି ବଜାୟ ରଖିବା ଦ୍ୱାରା ସ୍ୱାମୀ ନିଶ୍ଚିନ୍ତରେ ରାଜକାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ ହୋଇଥାନ୍ତି । ମନୀଷାର ଅଓମାୟିକ ସ୍ୱଭାବ ତଥା ନିଜ ଗୃହ ପରିବାର ପାଇଁ ତ୍ୟାଗର ପଟାନ୍ତର ନାହିଁ । ମନୀଷାର ମନ ଭିତରେ ରହିଯାଇଥିବ କିଛି ଅକୁହା କଥା ସମୟ ସମୟରେ ତା'କୁ ଅବସାଦଗ୍ରସ୍ତ କରିଦେଇଥାଏ , ତା'ର ଇଚ୍ଛା, ତା'ର ଆତ୍ମନିର୍ଭରଶୀଳତା, ତା'ର କିଛି କରିଦେଖାଇବାର ସ୍ୱପ୍ନ ଆଜି ଭାଙ୍ଗି ଚୂରମାର ହୋଇଯାଇଛି । ସବୁ ମିଳିବା ପରେ ମଧ କିଛି ନ' ମିଳିବାର କ୍ଷୋଭ ମନୀଷାକୁ ମଝିରେ ମଝିରେ ଖୁବ ମାନସିକ କଷ୍ଟ ଦେଇଥାଏ ଯାହାକି ସେ କାହାରି ପାଖରେ ପ୍ରକାଶ କରିପାରେନାହିଁ । ସୂର୍ଯ୍ୟକାନ୍ତ ଖୁବ ବ୍ୟସ୍ତ ମଣିଷ , ନିଜ କାର୍ଯ୍ୟ ଭଲ ତ' ସେ ଭଲ , ଘରର ସବୁ ଦାୟିତ୍ୱ ମନୀଷା ଉପରେ ନ୍ୟସ୍ତ, ମନୀଷା ମଧ ଖୁବ ସୁଚାରୁରୂପେ ଏହାକୁ ସମ୍ପାଦନ କରିବାରେ ସିଦ୍ଧ ହସ୍ତ । ମନୀଷା ପାଠପଢା ଶେଷ ପରେ କେତେ କ'ଣ ଭାବିଥିଲା , ନିଜେ ସ୍ୱାବଲମ୍ବୀ ହୋଇ କିଛି ଚାକିରୀ କରିବ ନିଜ ସହିତ ପରିବାରକୁ ମଧ ସହାୟତା କରିବ ସମୟ ଅସମୟରେ ନିଜ ପିତା ମାତାଙ୍କୁ କିଛି ସାହାଯ୍ୟ ଦେବ କିନ୍ତୁ ସୂର୍ଯ୍ୟକାନ୍ତ ଚାକିରୀ ସପକ୍ଷରେ ନ'ଥିଲେ ସେ ରୋକଠୋକ ଶୁଣାଇ ଦେଇଥିଲେ ଚାକିରୀ କରିବାର ଆବଶ୍ୟକତା ନାହିଁ । ଏହା ତା'ଙ୍କର ସନ୍ଦେହ ଜନିତ ପଦକ୍ଷେପ ନା' ଅସହିଷ୍ଣୁ ତାର ଏକ ପ୍ରତିଫଳନ ତାହା ମନୀଷା ଆଜି ପର୍ଯ୍ୟନ୍ତ ମଧ ଠିକ ରୂପେ ବୁଝିବାକୁ ଚେଷ୍ଟା କରି ବିଫଳ ହେଉଛି ଓ ନିଜ ପିତା ମାତାଙ୍କୁ ନିଜ ମନ ଖୋଲି ଆଜି ପର୍ଯ୍ୟନ୍ତ ମନୀଷା କିଛି ଉପହାର ଦେଇ ପାରିନାହିଁ ବରଂ ପିତା ମାତା ଅନେକ ସମୟରେ ଆସି ଅନେକ କିଛି ଉପହାର ଦେଇଯାଇଥାନ୍ତି । ମନୀଷା ପାଇଁ ଏହା ଏକ ଅଜାଗା ଘା ' ଯାହା ଦେଖି ହେବ ନାହିଁ କି କାହାକୁ ଦେଖାଇ ହେବ ନାହିଁ, କେବଳ କଷ୍ଟକୁ ଦାନ୍ତ କାମୁଡି ସହି ଯିବାହିଁ ଶ୍ରେୟସ୍କର ।

ଦିନକୁ ଦିନ ମନୀଷା ଦୁର୍ବଳ ହୋଇ ହୋଇ ଚାଲିଲା ଅନେକ ସମୟରେ ମୁଣ୍ଡ ବୁଲାଏ, ଅନେକ ଥର ନିଜ ରକ୍ତଚାପ ମାପିଛି , ଟିକେ ଊର୍ଧ୍ୱ ରକ୍ତଚାପ ଥିବାର ଜାଣିପାରି ଡାକ୍ତରଙ୍କ ପରାମର୍ଶ କ୍ରମେ ରୀତିମତ ଔଷଧ ସେବନ କରୁଛି ତଥାପି କାର୍ଯ୍ୟଚାପରୁ ମୁକୁଳିବା ସମ୍ଭବ ହେଉନାହିଁ । ସୂର୍ଯ୍ୟକାନ୍ତ ଅନେକଥର କହିଛନ୍ତି ନିଜର ଯତ୍ନ ନେବା ପାଇଁ କିନ୍ତୁ ନିଜ କାର୍ଯ୍ୟ ଚାପରେ ମନୀଷା ପାଇଁ ସମୟ ଦେଇ ପାରି ନାହାନ୍ତି । ସରକାରୀ ଚାକିରିର ଦାୟିତ୍ୱ ବେଳକୁ ବେଳ ବଢିଚାଲିଛି ତେଣୁ ସେ ବି ନାଚାର ଓ ସୁମି ଛୋଟ ପିଲା ସେ କେତେବା ନିଜ ମା'ଙ୍କୁ ବୁଝାଇବ ? ତା'ର ମଧ ପଢ଼ାପଢ଼ୀ ଅଛି, ସେ ମେଡିକାଲ ଏଣ୍ଟ୍ରାନ୍ସ ଦେବାପାଇଁ କୋଚିଂ ନେଉଛି । ମନୀଷା ଦିନେ ହଠାତ ଅସୁସ୍ଥ ହୋଇଗଲା ତା'କୁ ମେଡିକାଲ ନେବାକୁ ହେଲା , ସୂର୍ଯ୍ୟକାନ୍ତଙ୍କ ସମୟାନୁଯାୟୀ ଚେଷ୍ଟା ଏବଂ ସୁମିର ଭଲପାଇବା ଦ୍ୱାରା ମନୀଷା କିଛି ମାତ୍ରାରେ ସୁସ୍ଥ ହୋଇ ଘରକୁ ଫେରିଥିଲା, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅନେକ ପରୀକ୍ଷା କରିବାକୁ ଥିଲା ଏବଂ ତା'ର ରିପୋର୍ଟ ଦେଖାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବାର କଥା ଥିଲା । ନିର୍ଦ୍ଦିଷ୍ଟ ଦିନରେ ସବୁ ରିପୋର୍ଟ ଗୁଡିକ ମିଳିଗଲା ଓ ସୂର୍ଯ୍ୟକାନ୍ତ ରିପୋର୍ଟ ଗୁଡିକ ନେଇ ଡାକ୍ତରଙ୍କୁ ଦେଖାଇଥିଲେ, ଡ

ବାଲେଶ୍ୱରରେ ରିଜିଓନାଲ ଜୁଡ଼ିସିଆଲ ଏକାଡେମୀ ଉଦ୍‌ଘାଟିତ

ବିଚାର ବିଭାଗୀୟ ଅଧିକାରୀ-କର୍ମଚାରୀଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

ବାଲେଶ୍ୱର, ୧୪/୦୫ (ନି.ପ୍ର): ସହହର ଷ୍ଟେସନ ଛକଠାରେ 'ରିଜିଓନାଲ ଜୁଡ଼ିସିଆଲ ଏକାଡେମୀ' (ଆଞ୍ଚଳିକ ନ୍ୟାୟିକ ବିଦ୍ୟାପୀଠ) ଶନିବାର ଉଦଘାଟିତ ହୋଇଯାଇଛି । ବାଲେଶ୍ୱର ସମେତ ଓଡ଼ିଶାର ୫ ଗୋଟି ଜିଲାର ଜୁଡ଼ିସିଆଲ ଏକାଡେମୀକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ସୂର୍ଯ୍ୟ କାନ୍ତ ଭର୍ଚୁଆଲ ମୋଡ଼ରେ ଉଦଘାଟନ କରିଥିଲେ । ନ୍ୟାୟିକ ବ୍ୟବସ୍ଥା ପରିଚାଳନାରେ ସମ୍ପୃକ୍ତ ବର୍ଗଙ୍କୁ ଉଚିତ ପ୍ରଶିକ୍ଷଣ ପ୍ରଦାନରେ ଏହି ଏକାଡେମୀ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ ମୁରଲୀଧରନ ଆଭାସି ମୋଡ଼ରେ ଉଦଘାଟନୀ ଉତ୍ସବରେ ଯୋଡ଼ିହେବା ସହ ଓଡ଼ିଶାର ୫ ଗୋଟି ଜିଲାର ଉଦଘାଟିତ ଏହି ଜୁଡ଼ିସିଆଲ ଏକାଡେମୀ ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କଠାରୁ ଆରମ୍ଭ କରି ଓକିଲ ପର୍ଯ୍ୟନ୍ତ ସମସ୍ତଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ । ହାଇକୋର୍ଟର ଅନ୍ୟାନ୍ୟ ବିଚାରପତିମାନେ ଏଥିରେ ଉପସ୍ଥିତ ଥିଲେ । ହାଇକୋର୍ଟ ବିଚାରପତି ତଥା ଜିଲା ପ୍ରଶାସନିକ ବିଚାରପତି ବିଭୂପ୍ରସାଦ ରାଉତରାୟ ବାଲେଶ୍ୱରରେ ଉପସ୍ଥିତ ରହି ରଜିଓନାଲ ଜୁଡ଼ିସିଆଲ ଏକାଡେମୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ତାଙ୍କ ସହ ଜିଲା ଓ ଦୌରାଜଜ ଅଶାନ୍ତ କୁମାର ଦାସ, ବାଲେଶ୍ୱର ଏସପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଓପିଆଇଡି ଜଜ ବିଶ୍ୱଜିତ ଦାସ, ଅତିରିକ୍ତ ଜିଲା ଓ ଦୌରାଜଜ (ପୋକ୍ସୋ) ରଂଜନ କୁମାର ସୂତାର, ସ୍ପେଶାଲ ଭିଜିଲାନ୍ସ ଜଜ ଶୀଖାରାଣୀ ରଥ, ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ନାୟକ, ଏଡିଜେ-୧ ଜଜ ସଂଜୀବ କୁମାର ନାୟକ, ଏଡିଜେ-୩ ଜଜ ବିବାଶତ ଗୌତମ, ଏସସି/ଏସଟି କୋର୍ଟ ଜଜ ଲିର୍ଲିପ୍ତା ପଶାୟତ, ଜିଲା ଆଇନସେବା ପ୍ରାଧିକରଣ ସଚିବ ରଂଜନ କୁମାର ପ୍ରଧାନ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ବାର ଆସୋସିଏସନ ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ଦୀପକ କୁମାର ଦାଶଙ୍କ ସମେତ ଜିଲା ବିଚାର ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ଓକିଲମାନେ ଏଥିରେ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣ ମୁଖ୍ୟ ପ୍ରିୟରଂଜନ ଓଝା ଏହି ରିଜିଓନାଲ ଏକାଡେମୀର ଉପ-ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟତ୍ୱ ଗ୍ରହଣ କରିଛନ୍ତି । ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଆଇନଜୀବୀଙ୍କ ଦକ୍ଷତା ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଜୁଡ଼ିସିଆଲ ଏକାଡେମୀ ପ୍ରତିଷ୍ଠା କରାଯାଇଛି । ପୂର୍ବରୁ କେବଳ କଟକ ହାଇକୋର୍ଟ ନିକଟରେ ଏହି ଏକାଡେମୀ ଥିଲା । ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ସମେତ ୫ ଗୋଟି ଜିଲାରେ ଏହା ଉଦଘାଟିତ ହୋଇଛି ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଏକବିଂଶ ଶତାବ୍ଦୀର ପରିସଂଖ୍ୟାନ: ନୂତନ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନା

ଜୟପୁର, ୧୪/୦୫ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ଆନୁକୂଲ୍ୟରେ 'ଏକବିଂଶ ଶତାବ୍ଦୀର ପରିସଂଖ୍ୟାନ: ନୂତନ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଗତ ମଇ ୧୨ ତାରିଖରେ ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି । ବିଧାନ ଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ର. ଅନୁପ ମଜୁମଦାର ଓ କଟକ ସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ମହେଶ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇବା ସହ ଏକବିଂଶ ଶତାବ୍ଦୀର ପରିସଂଖ୍ୟାନରେ ନୂତନ ଆହ୍ୱାନ ଓ ସୁଯୋଗର ଅନେକ ବୈଶିଷ୍ଟ୍ୟ ଛାତ୍ର-ଛାତ୍ରୀମାନେ ଶିଖିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା (ଏକାଡେମିକ୍ ଆଣ୍ଡ ଆଡ୍ମିନିଷ୍ଟ୍ରେସନ୍) ପ୍ରଫେସର ଶୁଧେନ୍ଦୁ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ପରିସଂଖ୍ୟାନର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅର୍ଥନୀତିର ସହକାରୀ ପ୍ରଫେସର ତଥା ପରିସଂଖ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀ ବିଶ୍ୱଜିତ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଫେସର ମଜୁମଦାର ବିଭିନ୍ନ ବିକଳ୍ପର ମାନ୍ୟତା ପାଇଁ ଏକାଧିକ ମାନଦଣ୍ଡ ନିଷ୍ପତି ଗ୍ରହଣ (ଏମ୍ଡିଏମ୍) ଆଭିମୁଖ୍ୟର ପ୍ରୟୋଗ' ଉପରେ ବକ୍ତବ୍ୟ ରଖିଥିଲେ । ପରିସଂଖ୍ୟାନରେ ଆପ୍ଲିକେସନ୍ ବ୍ୟବହାର କରିବାର ବିଭିନ୍ନ ପଦ୍ଧତି ଏବଂ ପଦ୍ଧତି ଉପରେ ସେ ଆଲୋକପାତ କରିଥିଲେ । ତାଙ୍କର ବକ୍ତବ୍ୟ ଉଭୟ ଛାତ୍ର ଏବଂ ଗବେଷଣା ବିଦ୍ୟାର୍ଥୀଙ୍କ ପାଇଁ ଅତ୍ୟନ୍ତ ସୂଚନାପ୍ରଦ ଥିଲା । ଡ. ପଣ୍ଡା 'ମେସିନ୍ ଲର୍ଣ୍ଣିଂର ପରିଚୟ' ଶୀର୍ଷକ ଏକ ମୌଳିକ ଓ ସୂଚନାପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ଆଜିର ଜଗତୀକରଣ ଦୁନିଆରେ ଚିକିତ୍ସା ବିଜ୍ଞାନ, ବ୍ୟବସାୟ, ଶିଳ୍ପ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ମେସିନ୍ ଲର୍ଣ୍ଣିଂ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ସେ ସମ୍ପର୍କରେ ସେ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଭାଷା ସମୂହ ବିଦ୍ୟାପୀଠର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ଅଧ୍ୟାପକ ଡ. ସୁମନ ଦାଶ, ଡ. ବିଦ୍ୟାଧର ବିଶି, ଡ. ସୁବାସ ପଟ୍ଟନାୟକ, ଡ. ବୀରେନ୍ଦ୍ର ଷଡ଼ଙ୍ଗୀ ଓ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିସଂଖ୍ୟାନ ବିଭାଗର ଛାତ୍ରୀ ସୁଶ୍ରୀ ସମିଧା ବିଶ୍ୱାଳ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥିମାନଙ୍କୁ ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ । ପରିସଂଖ୍ୟାନ ବିଭାଗର ଅଧ୍ୟାପିକା ଡ. କଲ୍ୟାଣୀ ସୁନାନୀ ଏହି ସ୍ୱତନ୍ତ୍ର ବକ୍ତୃତାରେ ଉପସ୍ଥିତ ସମସ୍ତ ସମ୍ମାନିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ଡ. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

ଖୋର୍ଦ୍ଧା ଜିଲ୍ଲା ମିଳିତ ଅମଲା ମଂଚର ଜରୁରୀ ବୈଠକ

ଖୋର୍ଦ୍ଧା, ୧୪/୦୫ (ନି.ପ୍ର): ୪୨୦୦ ଗ୍ରେଡ ପେ'ଦାବୀ ନେଇ ଡିଆରଡିଏ ସମ୍ମିଳନୀ କକ୍ଷରେ ଗତକାଲି ଖୋର୍ଦ୍ଧା ଜିଲ୍ଲା ମିଳିତ ଅମଲା ମଂଚର ଅଧ୍ୟକ୍ଷ ଆଶୋକ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବୋଲଗଡ଼, ବେଗୁନିଆ, ଖୋର୍ଦ୍ଧା, ଜଟଣୀ, ଟାଙ୍ଗି, ଚିଲିକା ଓ ବାଣପୁର ଆଦି ସାତଟି ବ୍ଲକର ୧୦୦ରୁ ଉର୍ଦ୍ଧ୍ୱ ଅମଲାମାନେ ଏଥିରେ ଯୋଗ ଦେଇଥିଲେ । ତେବେ ଏହି ବୈଠକରେ ଅମଲାମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ସରକାର ଯଦି ଆସନ୍ତା ୨୧ ତାରିଖ ମଧ୍ୟରେ ଅମଲାମାନଙ୍କର ଏକମାତ୍ର ଦାବି ୪୨୦୦ ଗ୍ରେଡ ପେ' ବିଚାରକୁ ନ ନିଅନ୍ତି । ତେବେ ଆସନ୍ତା ୨୨ ତାରିଖରୁ କଳାବ୍ୟାଚ୍ ପରିଧାନ କରି ପ୍ରତିବାଦ କରାଯିବ । ଏପରିକି ଜୁନ ପହିଲାରୁ ସମୂହ ଛୁଟିରେ ଯାଇ ଜିଲ୍ଲାର ସମସ୍ତ ଦପ୍ତରକୁ ଅଚଳ କରିଦିଆଯିବା ପାଇଁ ଚେତାବନୀ ଦିଆଯାଇଛି ।

ଏହି ବୈଠକରେ ଗୋବର୍ଦ୍ଧନ ପରିଡ଼ା, ସୁରମ୍ୟ ରଞ୍ଜନ ପ୍ରଧାନ, ଲଲାଟେନ୍ଦୁ କର, ସବ୍ୟସାଚୀ ଧଳ, ମନୋରଞ୍ଜନ ପଣ୍ଡା, ଅର୍ଜୁନ ମହାରଣା, କଳ୍ପନା ପରିଡ଼ା, ବାବୁଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଦିବଂଗତ କୈବଲ୍ୟ ନାଥ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୧୪/୦୫ (ନି.ପ୍ର): ସହରର ଚାନ୍ଦମାରି ପଡ଼ିଆ ବାସିନ୍ଦା ତଥା ବ୍ୟାସକବିନଗର ବିକାଶ ପରିଷଦର ବରିଷ୍ଠ ସଦସ୍ୟ କୈବଲ୍ୟ ନାଥ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଏଥଇରେ ଅଧ୍ୟକ୍ଷତା କରିଥିଲେ । ସ୍ୱର୍ଗତ ଦାସଙ୍କର ଗତ ୫ ତାରିଖ ଦିନ ଚିକିତ୍ସାଧିନ ଅବସ୍ଥାରେ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା । ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ କରି ସହକାରୀ ନିବନ୍ଧକ ପଦବୀରୁ ଅବସର ନେବାପରେ ସେ କ୍ଷୀରଚୋରା ଗୋପୀନାଥ ମନ୍ଦିର ଟ୍ରଷ୍ଟର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ମନ୍ଦିର ଟ୍ରଷ୍ଟର ଦାୟିତ୍ୱ ନେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶାକାହାରୀ ଥିଲେ । ବ୍ୟାସକବି ନଗରରେ ସ୍ଥାୟୀ ବାସିନ୍ଦା ଭାବେ ଦୀର୍ଘ ୩ ବର୍ଷ ଧରି ସପରିବାର ରହୁଥିଲେ । ସେ ଜଣେ ସ୍ୱଷ୍ଟବାଦୀ ଓ ସଚ୍ଚୋଟ ବ୍ୟକ୍ତି ଥିଲେ ବୋଲି ବକ୍ତାମାନେ ସେମାନଙ୍କ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଉପସ୍ଥିତ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ସଭାର ଆବାହକ ତଥା ପରିଷଦର ସହ ସଂପାଦକ ବିନୋଦ ବିହାରୀ (ବେଣୁ) ପଣ୍ଡା, ଅକ୍ଷୟ କୁମାର ତ୍ରିପାଠୀ, ସରସ୍ୱତୀ ପଣ୍ଡା, ଇଂ. ପ୍ରତାପ ଚନ୍ଦ୍ର ନାୟକ, ଭଗବାନ ମହନୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ଇଂ. ଡମ୍ବରୁଧର ପ୍ରଧାନ, ସଂଯୁକ୍ତା ବେହେରା, ରାଜେନ୍ଦ୍ର ନାୟକ, ଦେବାଶିଷ ଜେନା, ସନ୍ତୋଷ ସେନ୍, ପ୍ରଭାତ କୁମାର ସାହୁ ଓ ରବିନାରାୟଣ କର ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ ।

ଖରାଦିନେ ପୁରୀରେ ଚୋରି ବୃଦ୍ଧି: ଦିନରେ ଫେରି - ରାତିରେ ଚୋରି

ପୁରୀ, ୧୪/୦୫ (ନି.ପ୍ର): ଖରାଦିନେ ପୁରୀ ସହରରେ ଚୋରି ସଂଖ୍ୟା ବୃଦ୍ଧି ପାଉଥିବା ଦେଖାଯାଇଛି । ଘରେ ଲୋକମାନେ ଏସି ଓ ଫ୍ୟାନ ପବନରେ ନିଘୋଡ଼ ନିଦ୍ରାରେ ଶୋଇ ପଡୁଥିବା ବେଳେ ଝରକା ଡାଡ଼ି ଚୋରମାନେ ଘରେ ଚୋରି କରୁଥିବା ଅଭିଯୋଗ ହେଉଛି । ଅନେକ ଚୋରି ଘଟଣା ଥାନାକୁ ଯାଉନଥିବା ବେଳେ କେଉଁ ଥାନା ଅଂଚଳରେ କେତେ ଚୋରି ଘଟଣା ଘଟିଲା ତାହାର ସଠିକ୍ ହିସାବ ରହୁନାହିଁ । ବିଶେଷ କରି ପୁରୀ ସହରକୁ ପ୍ରତିଦିନ ନୂଆ ନୂଆ ଫେରିବାଲା ପ୍ରବେଶ କରିବା ସହ ସହର ତଳି ଓ ବସ୍ତି ଅଂଚଳରେ ରହୁଛନ୍ତି । ଦିନରେ ସାଇକେଲ, ରିକ୍ସାରେ ବେଡ଼ସିଟ, କମଳ ବିଭିନ୍ନ ଜିନିଷ ଧରି ଦ୍ୱାର ଦ୍ୱାର ବୁଲୁଥିବା ବେଳେ କାହା ଘରେ କିଏ ଅଛି, ଛାତ ଉପରକୁ ଚଢିବା ବାଟ କେଉଁଠି, କିପରି ଖସିବା ବାଟ ତାର ନକସା ମନରେ ରଖୁଛନ୍ତି । ଏମାନେ ରାତିରେ ଫୋଲଡ଼ିଂ ନିଶୁଣି ଧରି ପାଇପ ପଟେ ଯାଆସ କରୁଛନ୍ତି । ଏହା ସହ ଦିନରେ କେତେକ ବାଂଲାଦେଶୀ ରାଜମିସ୍ତ୍ରୀ, ମାର୍ବଲ ମିସ୍ତ୍ରୀ, ମୁଲିଆ ରୂପରେ ଘରେ କାମ କରିବା ସହ ରାତିରେ ଛଡ଼ ସିମେଂଟ ଚୋରି କରୁଥିବା ଅଭିଯୋଗ ହେଉଛି । ନକଲି ଆଧାରକାର୍ଡ଼ ତିଆରି କରି ଏମାନେ ବିଭିନ୍ନ ସ୍ଥାନ ବୁଲୁଛନ୍ତି । ଖାଲି ଚୋରି ନୁହଁ ଝିଅ ବୋହୂଙ୍କ ଉପରେ ନଜର ରଖୁଛନ୍ତି । କିଛି ବର୍ଷ ପୂର୍ବେ ଜଣେ ବାଂଲାଦେଶୀ ଫେରିବାଲା ଜଣେ କଲେଜ ପଢୁଆ ଝିଅକୁ ଧରି ଫେରାର ହୋଇଯାଇଥିଲା । ଘରେ କେହି ନଥିବା ବେଳେ କବାଟ ଖୋଲା ଥିଲେ ଘରେ ପଶି ମୋବାଇଲ ଓ ପ୍ୟାଂଟ ପକେଟରୁ ଟଙ୍କା ଚୋରି କରୁଥିବା ସହରରେ ଆଲୋଚନା ହେଉଛି । ବାଇକ୍, ସ୍କୁଟି, ପାଣିମୋଟର, ସାଇକେଲ, ଛେଳି, କୁକୁଡ଼ା ମଧ୍ୟ ଚୋରି କରୁଥିବା ଅଭିଯୋଗ ହେଉଛି । ଚୋରି କରିବା ପୂର୍ବରୁ କେଉଁ ପଟେ ପଶିବେ ଏବଂ କେଉଁ ପଟେ ଖସିବେ ନଜର କରି ଚୋରି କରୁଛନ୍ତି । ଯାହା ଘରେ କେହି ନଥିବେ ସେହି ଘରକୁ ପ୍ରଥମେ ଟାର୍ଗେଟ କରୁଛନ୍ତି । ଯେଉଁ ଯାଗାରେ ସାହିବାସିନ୍ଦ ମାନେ ଚୋରକୁ ଅଟାକାଉଛନ୍ତି ସେଠାରେ ସେମାନେ ସଂଘବଦ୍ଧ ଆକ୍ରମର କରିବା ପାଇଁ ପଛାଉନାହାନ୍ତି । ପୋଲିସ ପାଟୋଲିଂ ଅନେକ ସ୍ଥାନରେ ରାତିରେ ହେଉନଥିବାରୁ ତାହାର ସୁଯୋଗ ନେଇ ଫେରିବାଲା ମାନେ ସେମାନଙ୍କ ଉତ୍ପାତ ଆରମ୍ଭ କରିଛନ୍ତି ।

ମାନସିକ ଅନଗ୍ରସର ଅଜଣା ବ୍ୟକ୍ତିଙ୍କ ପ୍ରତି ବଦାନ୍ୟତା ଦେଖାଇଲେ ଡାକ୍ତର

କନ୍ଧମାଳ, ୧୪/୦୫ (ନି.ପ୍ର): ଆଜିକାଲି ବ୍ୟସ୍ତବହୁଳ ଜୀବନରେ ସମସ୍ତେ ନିଜ ନିଜର ସ୍ୱାର୍ଥ ପଛରେ ଦୌଡୁଥିବା ବେଳେ, ଚକାପାଦ ଅଂଚଳର ଡା.ସନ୍ଦୀପ ଶତପଥୀ, ଜଣେ ଡାକ୍ତର ଦେବଦୂତ ସାଜି ରାସ୍ତାରେ ଏକାକି ଅସହାୟ ଅବସ୍ଥାରେ ପଡିଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ବାଟରେ ଗଲା ବେଳେ ଦେଖି ତାଙ୍କୁ ଅନ୍ୟମାନଙ୍କ ସହାୟତାରେ ଉଦ୍ଧାର କରି ଆଣି ତାଙ୍କୁ ସଫାସୁତର କରି ପୋଷାକ ବଦଳାଇବାସହ ତାର ଚିକିତ୍ସା କରିଥିଲେ ।ଖାଦ୍ୟ ଖାଇବାକୁ ଦେଇଥିଲେ, ଫଳରେ ସେ ଟିକେ ସୁସ୍ଥ ଅନୁଭବ କରିବା ସହ ଖୁସି ବ୍ୟକ୍ତ କରିଥିବା ତାଙ୍କ ମୁହଁରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ଡାକ୍ତର ଶ୍ରୀ ଶତପଥୀଙ୍କ ନିସ୍ୱାର୍ଥପର ସେବା ମନୋବୃତି ଅନ୍ୟ ମାନଙ୍କପାଇଁ ପ୍ରେରଣା ସାଜିବ ନିଶ୍ଚୟ । ଡାକ୍ତର ଶତପଥୀଙ୍କୁ ଲାଲବାହାଦୁର ବେହେରା, ଦେବାଶିଷ ମିଶ୍ର ପ୍ରମୁଖ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଡାକ୍ତର ଶତପଥୀ ନିଷ୍ଠା ଓ ଆନ୍ତରିକତାର ସହ ଅଂଚଳର ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି । ତାଙ୍କର ଏଭଳି କାର୍ଯ୍ୟ ଦେଖି ଅଂଚଳ ବାସୀ ଡାକ୍ତର ହେବ ତ ଏମିତି ବୋଲି କହୁଥିବା ଶୁଣିବାକୁ ମିଳୁଛି ।

ଉଠା ଜଳସେଚନ କର୍ମଚାରୀ ସଂଘ ବୈଠକ

ବାଲେଶ୍ୱର, ୧୪/୦୫ (ନି.ପ୍ର): ଓଡ଼ିଶା ଉଠାଜଳ ସେଚନ ନିଗମରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ ପଢୁଆଁପଦାସ୍ଥିତ ସଂଗଠନ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ବାଲେଶ୍ୱର, ଭଦ୍ରକ ଓ ମୟୁରଭଂଜ ଜିଲାରୁ ଶତାଧିକ କର୍ମଚାରୀ ବୈଠକରେ ଯୋଗ ଦେଇଥିଲେ । ଚଳିତ ବର୍ଷ ସଂଘର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସମାରୋହ ଆସନ୍ତା ଜୁଲାଇ ମାସ ଶେଷ ସପ୍ତାହରେ ଦୁଇଦିନ ବ୍ୟାପୀ ସହରରେ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ ନିଗମରୁ ଅବସର ନେଇଥିବା ବହୁ କର୍ମଚାରୀ ମାସିକ ଇପିଏଫ ପେନସନ ଅର୍ଥ କମ ପାଉଥିବାରୁ ବହୁ ସଦସ୍ୟ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ । ମାସିକ ପେନସନ ସର୍ବନିମ୍ନ ନଅହଜାର ଟଙ୍କା ସହ ମହଙ୍ଗାଭତ୍ତା ଲାଗୁ କରିବାକୁ ଦୀର୍ଘବର୍ଷ ଧରିରାଜ୍ୟ ଓ ଜାତୀୟ ସ୍ତରରେ ଦାବି ହେଉଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ନଦେବା ଦୁର୍ଭାଗ୍ୟର ବିଷୟ ବୋଲି କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ ପ୍ରକାଶ କରିଥିଲେ । ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ଗତ ବିବରଣୀ ଓ ଆୟବ୍ୟୟର ହିସାବ ଆଗତ କରିଥିଲେ । ଆସନ୍ତା ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ବିଶଦ କାର୍ଯ୍ୟସୂଚୀକୁ ରତ୍ନାକର ପଣ୍ଡା ଆଗତ କରିଥିଲେ । ସମାରୋହର ଖୋଲା ଅଧିବେଶନରେ ରାଜ୍ୟ ଏଆଇଟିୟୁସି, ରାଜ୍ୟ କର୍ମଚାରୀ ଫେଡେରେସନ୍ ଓ ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଅତିଥି ଓ ବକ୍ତାଭାବେ ଯୋଗ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ୟାମସୁନ୍ଦର ଦାସମହାପାତ୍ର, ବ୍ରଜ କୁମାର ପଣ୍ଡା, ରାମଚନ୍ଦ୍ର ପଣ୍ଡା, ମଧୁସୂଦନ ଜେନା ଓ ଶରତ ଚନ୍ଦ୍ର ଦଳାଇ, ଏଆଇଟିୟୁସି ଜିଲା ସଭାପତି ଭାଗବତ ପ୍ରତିହାରୀ, ଉପଦେଷ୍ଟା ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଏଥିରେ ଯୋଗଦେଇ ଉଠା ଜଳସେଚନ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହର ରୂପରେଖ ଓ ଶ୍ରମିକ-କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ତା'ର ସମାଧାନ ସମ୍ପର୍କରେ ପ୍ରସ୍ତାବମାନ ଆଗତ କରିଥିଲେ । କମଳ ଲୋଚନ ଜେନା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ । 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନପ୍ରାପ୍ତ ସଂଘର ସଭାପତି ଶ୍ରୀ ପାଣିଗ୍ରାହୀ

ପୁଣି ଲାଗିଲା ମାଓ ପୋଷ୍ଟର ଓ ବ୍ୟାନର

କନ୍ଧମାଳ, ୧୪/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପୁଣି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଲା ଲାଲ୍ ବାହିନୀ । ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ୫୯ନମ୍ବର ଜାତୀୟ ରାଜପଥର ଏକାଧିକ ସ୍ଥାନରେ ଲାଲ୍ ବ୍ୟାନର ଓ ପୋଷ୍ଟର ମାଓ ସଂଗଠନ ପକ୍ଷରୁ ଜାରି କରାଯାଇଥିବା ବେଳେ କୋଟଗଡ଼ ଥାନା ବଣ୍ଡାପିପିଲି ରାଜ୍ୟ ରାଜପଥ କଡ଼ରେ ମଧ୍ୟ ମାଓ ସଙ୍ଗଠନର ପୋଷ୍ଟର ବ୍ୟାନର ଦେଖିବାକୁ ମିଳିଛି । ୫୯ନଂ ଜାତୀୟ ରାଜପଥର ସିମନବାଡ଼ି ଟୋଲଗେଟ ନିକଟ ଓ ବୁଢ଼ାଗୁଡ଼ା ଛକ ଏବଂ ବଣ୍ଡାପିପିଲି ଗାଁ ରାସ୍ତା କଡ଼ରେ ୧୨ଦଫା ଦାବି ନେଇ ଆସନ୍ତାକାଲି, ଅର୍ଥାତ୍ ମଇ୧୫ ତାରିଖରେ ୭ ଜିଲ୍ଲାକୁ ବନ୍ଦ ଡାକରା ଦେଇଛି ସିପିଆଇ ମାଓବାଦୀ । ୭ ଜିଲ୍ଲା ମଧ୍ୟରେ କନ୍ଧମାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, ବୌଦ୍ଧ, କଳାହାଣ୍ଡି ଓ ନୟାଗଡ଼ ଜିଲ୍ଲାକୁ ବନ୍ଦ ଡାକରା ଦେଇଛି ମାଓ ସଙ୍ଗଠନ । ଦୁଇଦିନ ତଳେ ଫିରିଙ୍ଗିଆ ଥାନା ସୁମେରବନ୍ଧ ପଂଚାୟତର ପୂର୍ବତନ ସରପଂଚଙ୍କୁ ମାଓବାଦୀ ମାନେ ଘରୁ ଡାକିନେଇ ଗୁଳିକରି ହତ୍ୟା କରିଥିଲେ । ଗତକାଲି ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ସୁନୀଲ ବଂଶଲଙ୍କ ସହିତ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଆଇଜି ଅପେରସନ ଅମିତାଭ ଠାକୁର, ଦକ୍ଷିଣାଚଂଳ ଆଇଜି ସତ୍ୟବ୍ରତ ଭୋଇ, ସିଆରପିଏଫ୍ କମାଣ୍ଡେଂଟ ସଞ୍ଜୀବ କୁମାର, ସୀମା ସୁରକ୍ଷା ବଳର ଆଇଜି ଦୀନେଶ କୁମାର ଶର୍ମାଙ୍କ ସମେତ ରାଜ୍ୟର ୫ ବରିଷ୍ଠ ପୋଲିସ ଅଧିକାରୀ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ସିଆରପିଏଫ୍ ଓ ବିଏସଏଫ କ୍ୟାମ୍ପ ବୁଲିବା ସହ ମାଓବାଦୀଙ୍କ ଗତିବିଧିର ସମୀକ୍ଷା କରି ଫେରିଥିବା ବେଳେ ଆଜି ଦାରିଙ୍ଗବାଡ଼ି ଥାନା ଅଂଚଳରେ ବ୍ୟାନର୍ ପୋଷ୍ଟର ଜାରି କରି ନିଜର ଉପସ୍ଥିତି ଜାହିର କରିବା ସହ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ମାଓବାଦୀ। ଅନ୍ୟପକ୍ଷରେ କିଛି ବର୍ଷ ହେବ ଦାରିଙ୍ଗବାଡ଼ି ଥାନା ଅଂଚଳରେ ମାଓବାଦୀଙ୍କ ଗତିବିଧି ଜଣାପଡୁନଥିବା ବେଳେ ବର୍ତମାନ ପୁଣି ଥରେ ଅଂଚଳରେ ମାଓବାଦୀଙ୍କ ବ୍ୟାନର ପୋଷ୍ଟର ଦେଖି ଅଂଚଳବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

କୁଡୁମୁଲୁଗୁମ୍ପା କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି, ୧୪/୦୫ (ନି.ପ୍ର): କୁଡୁମୁଲୁଗୁମ୍ପା ସ୍ଥିତ ଅଦାଲତ ପ୍ରକୋଷ୍ଠରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଡୁମୁଲୁଗୁମ୍ପା ଅଦାଲତର ମାଜିଷ୍ଟ୍ରେଟ ସୁମନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହି ମାମଲା ଗୁଡ଼ିକର ଫଏସଲା କରିଥିଲେ। ଯେଉଁଥିରେ ସରକାରୀ ଓକିଲ ସରୋଜ କୁମାର ସାହୁ, ମୁଖ୍ୟ କିରାଣୀ ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସମ୍ବଗ୍ରାମ କେଶରୀ ମହାରଣା, ଓକିଲ ବିଷ୍ଣୁ ଚରଣ ନାଲା, ଜୟଦେବ ପାତ୍ର ଓ ସୁନୀତା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜିର ଏହି ଲୋକ ଅଦାଲତ ମାଧ୍ୟମରେ ସର୍ବମୋଟ ୩୯ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ଏଥିରେ ଜୋରିମାନା ବାବଦକୁ ସର୍ବମୋଟ ୨୭୦୦ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଦିର୍ଘ ସମୟ ଧରି ପଡିରହିଥିବା ମାମଲା ଗୁଡ଼ିକର ବିଚାରଣ ଓ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହେଉଥିବାରୁ ଜନ ସାଧାରଣ ବହୁ ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ସହ ନ୍ୟାୟ ବ୍ୟବସ୍ଥାରେ ନିଜର ବିଶ୍ୱାସ ପ୍ରକଟ କରିଛନ୍ତି ।

ପ୍ରସିଦ୍ଧ ବେଦବ୍ୟାସ ପୀଠ: ପ୍ରବେଶ ପଥର ମୂତ୍ର ଗନ୍ଧ ଓ ଭିକାରୀଙ୍କ ଭିଡ଼ ଭକ୍ତଙ୍କୁ ସ୍ୱାଗତ କରୁଛି

ରାଉରକେଲା, ୧୪/୦୫ (ନି.ପ୍ର): ରାଉରକେଲାକୁ ଲାଗି ରହିଛି ପ୍ରସିଦ୍ଧ ବେଦବ୍ୟାସ ପୀଠ। ଏହାର ଉନ୍ନତିକରଣ କରାଯାଉଛି ଓ ନିକଟରେ ୫-ଟି ସଚିବ ମଧ୍ୟ ସେଠାକୁ ବୁଲିଯାଇଥିଲେ, ସେହିଦିନ କେବଳ ସଫା ସୁତରାକୁ ଦୃଷ୍ଟି ଦେଇଥିଲା ଏହାର ଟ୍ରଷ୍ଟ, କିନ୍ତୁ ଅନ୍ୟ ଦିନ ଗୁଡିକରେ ଏଠାକୁ ପ୍ରବେଶ କଲା ବେଳେ ପୂତିଗନ୍ଧମୟ ପରିବେଶ ସାଙ୍ଗକୁ ଭିକାରୀଙ୍କ ଭିଡ ଭକ୍ତଙ୍କୁ ନାକରେ ହାତ ଦେଇ ଭିକାରୀଙ୍କ କବଳରୁ ନିଜକୁ ରକ୍ଷାକରି ଠାକୁରଙ୍କୁ ଦର୍ଶନ ଲାଗି ଯିବାକୁ ପଡୁଥିବାର ଅଭିଯୋଗ ହେଉଛି । ବ୍ୟାସ ମୁନୀ ଏଠାରେ ସାଧନା କରିଥିଲେ। ଏହା ପଛରେ ଅନେକ ଇତିହାସ ରହିଛି। ତ୍ରୀବେଣୀ ସଙ୍ଗମ ମଧ୍ୟ ରହିଛି। ଏହାକୁ ଜାଣିବା ଓ ଦେଖିବା ଲାଗି ଅନେକ ଭକ୍ତ ଦୂର ଦୂରାନ୍ତରୁ ଏଠାକୁ ଆସିଥାନ୍ତି । ଏହା ଛଡା ସ୍ଥାନୀୟ ଲୋକେ ମଧ୍ୟ ବିଭିନ୍ନ ସମୟରେ ଏଠାରେ ଭିଡ ଲଗାଇଥାନ୍ତି, ହେଲେ ଏହାର ଦାୟିତ୍ୱରେ ଥିବା ଟ୍ରଷ୍ଟ ଏଠାରେ ଚାଲିଥିବା ଏଭଳି କାର୍ଯ୍ୟ ସାଙ୍ଗକୁ ପରିବେଶ ପ୍ରତି ଦୃଷ୍ଟି ଦେଉନଥିବା ଏଠାରେ ଥିବା ବାବା ମାନେ ମଧ୍ୟ କହିଛନ୍ତି । ଏହାର ମୁଖ୍ୟ ପ୍ରବେଶ ପଥରେ ଥିବା ଛୋଟିଆ ଘର ପଛପଟେ ଲୋକେ ପରିଶ୍ରା କରିବା ସହ ମଦ୍ୟପାନ କରିବା, ସକାଳୁ ଏହାର ପ୍ରବେଶ ପଥରେ ଛୋଟ ଛୋଟ ସ୍କୁଲ ଯିବା ବୟସର ଝିଅ ପିଲା ମାନେ ଭିକ ମାଗିବା, ଭିକ ପାଇବା ଲାଗି ଭକ୍ତ ମାନଙ୍କୁ ଘେରିଜିବା, ସେମାନଙ୍କ ଗାଡି ପାଖଯାଏ ହାତ ପତାଇ ଲାଗି ରହିବା ଭଳି ପରିବେଶ ଭକ୍ତ ମହଲରେ ଅସନ୍ତୋଷ ସୃଷ୍ଟି କରିବା ସହ ସେମାନଙ୍କୁ ଅସୁବିଧାରେ ପକାଉଛି ।

ଦେଖଣାହାରି ମାନେ କହିବା କଥା, ଏହାର ପ୍ରବେଶ ପଥରେ ଏଇଆ ଭିତରେ ଆହୁରି ସମସ୍ୟା ଲାଗି ରହିଛି । ରାଉରକେଲା ଆଖପାଖ ମହାନଗର ଅଂଚଳକୁ ଭିକାରୀ ମୁକ୍ତ କରିବା ଲାଗି ସରକାର ଅନେକ ଯୋଜନା କରିଛନ୍ତି, ବହୁ ଅର୍ଥ ଏଥିଲାଗି ଖର୍ଚ୍ଚ ହେଉଛି ହେଲେ ସେ ଯୋଜନା କିଭଳି ଚାଲିଛି ତାହାର ପ୍ରମାଣ ଦେଉଛି ବେଦବ୍ୟାସ ପୀଠ। ଟ୍ରଷ୍ଟ ପକ୍ଷରୁ କେବଳ ଶବ ଦାହ ଲାଗି ଅର୍ଥ ଆଦାୟ ଲାଗି ଏକ କାଉଁଟର ଖୋଲି ଦିଆଯାଇ ରୋଜଗାର ବ୍ୟବସ୍ଥା କରାଯାଇଛି, କିନ୍ତୁ ମନ୍ଦିର ପାଖରେ ଏସବୁ ସମସ୍ୟାକୁ ନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଏଠାରେ ଥିବା ଭିକାରୀ, ଦୋକାନୀ ଓ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ସମ୍ମୁଖ ଘର ପଛରେ ମଦ୍ୟପାନ ସାଙ୍ଗକୁ ପରିଶ୍ରା ଓ ମଳତ୍ୟାଗ କରି ପରିବେଶକୁ ନଷ୍ଟ କରୁଛନ୍ତି । ଏଠାରେ ଥିବା ବାବା ମାନେ କହିଛନ୍ତି କେବଳ ଟ୍ରଷ୍ଟରେ କିଛି ଲୋକ ରହି ନିଜର ନାମକୁ ପ୍ରଶାସନ ସହ ଯୋଡି ନିଜ ଫାଇଦାରେ ସିନା ବ୍ୟସ୍ତ ରହୁଛନ୍ତି, କିନ୍ତୁ ମନ୍ଦିର ପ୍ରତି ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି । ଖାଲି ସେତିକି ନୁହେଁ କିଛି ଟ୍ରଷ୍ଟି ଏହି ଅନୁଷ୍ଠାନ ନାମରେ ବିଭିନ୍ନ କଳ କାରଖାନାରୁ ବେଶ ଦୁଇ ପାଇସା ଆଦାୟ କରି ନିଜ ପକେଟ ଗରମ କରୁଥିବାର ଅଭିଯୋଗ ହେଉଛି । ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏହି ଟ୍ରଷ୍ଟ ସହ ଯୋଡି ହୋଇ ରହିଛନ୍ତି, ସେ ଏନେଇ ସମୟ ଦେଇ ପାରୁନଥିବାରୁ ଏଠାରେ ଅରାଜକତା ଚାଲିଛି ବୋଲି ବାବା ମାନେ ଗୁପ୍ତରେ କହିଛନ୍ତି । କେତେବେଳେ କିଏ ଏଠାକୁ ଆସୁଛି, ମନ୍ଦିର ପାଖରେ ଶୋଇ ରହୁଛି ସେ ଅପରାଧୀ ନା ଭକ୍ତ ସେ ସବୁ ଦେଖିବା ଲାଗି ମଧ୍ୟ ବ୍ୟବସ୍ଥା ଥିବାଭଳି ମନେ ହେଉନଥିବା କୁହାଯଇଛି । ତେଣୁ ଯଦି ୫-ଟି ସଚିବ ଏ ଯାଗାକୁ ବୁଲି ଆସିଥିଲେ ଓ ଏହାର ଉନ୍ନତି ଲାଗି ଅର୍ଥର ବ୍ୟବସ୍ଥା କରୁଛନ୍ତି ପ୍ରଥମେ ଏହାର ପରିବେଶ ତଥା ଏହାର ରକ୍ଷାଣା ବେକ୍ଷଣ ଲାଗି ଥିବା ସଂସ୍ଥା ଉପରେ ପ୍ରଥମେ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ନବୀନ ନିବାସରେ....

ଆଜି ଭୁବନେଶ୍ୱରରେ ପହଂଚିବା ପରେ ଦୀପାଳି କହିଥିଲେ ଯେ ଏ ବିଜୟ ଝାରସୁଗୁଡ଼ାବାସୀଙ୍କର ଓ ମୁଖ୍ୟମନ୍ତ୍ରୀଙ୍କର । ଉପନିର୍ବାଚନ ପାଇଁ ସମସ୍ତେ ବହୁତ ପରିଶ୍ରମ କରିଛନ୍ତି । ବାପାଙ୍କ ସ୍ୱପ୍ନ ଥିଲା ଝାରସୁଗୁଡ଼ାର ନୂତନ ନିର୍ମାଣ । ବାପାଙ୍କ ଦ୍ୱାରା କରାଯାଇଥିବା ବିକାଶ କାର୍ଯ୍ୟ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ, କ୍ୟାନସର ହସ୍ପିଟାଲ, ଓଭରବ୍ରିଜର ସ୍ୱପ୍ନ ପୂରଣ ହେବ । ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ା ବାସୀଙ୍କ ସ୍ୱପ୍ନ ସାକାର କରିବି ବୋଲି ଦୀପାଳି କହିଛନ୍ତି।

ଆଇସିଏସ୍‌ଇ ...

ମୁଁ ୯୫ ପ୍ରତିଶତରୁ ଅଧିକ ଆଣିବି ବୋଲି ଆସା ତ ରଖିଥିଲି କିନ୍ତୁ ୯୯.୪ ଆସିବ ବୋଲି ମୁଁ କେବେ ଭାବିନଥିଲି । ଏହାର ଶ୍ରେୟ ନିଜ ଶିକ୍ଷକ ତଥା ନିଜ ପରିବାର ଲୋକଙ୍କୁ ପ୍ରିୟଙ୍କା ଦେଇଛନ୍ତି । ସେହିଭଳି କିଛି ଆସା ରଖି ନୁହେଁ ବରଂ ନିଜ ଶିକ୍ଷାଲାଭ ବା ଜାଣିବା ପାଇଁ ପଢ଼ିଲେ ବହୁ ଲାଭ ହେବ ବୋଲି ପ୍ରିୟଙ୍କା କହିଛନ୍ତି । ସୂଚନାଯୋଗ୍ୟ ଚଳିତ ବର୍ଷ ଆଇଏସ୍‌ସି ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୨.୩୬କ୍ଷ ସାମିଲ ହୋଇଥିଲେ। ୯୮.୧୪ ପ୍ରତିଶତ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୬.୯୩ ପ୍ରତିଶତ ରହିଛି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୫ ଜଣ ମିଳିତ ଭାବେ ଟପ୍ପର ହୋଇଛନ୍ତି। ଦିଶା ସ୍ଥାନୀୟ କାର୍ମେଲ ସ୍କୁଲର ଛାତ୍ରୀ। ଫଳାଫଳ ପ୍ରକାଶ ପାଇବା ପରେ ପରିବାରରେ ଖୁସିର ଲହରୀ। ପିତା ହନୁମାନ ଗୋୟଲ ଜଣେ ବ୍ୟବସାୟୀ ଓ ମା' ସୀମା ଗୋୟଲ ହେଉଛନ୍ତି ଗୃହିଣୀ। ଏହି ପିଲାମାନେ ୯୫.୭୫ ମାର୍କ ରଖିଛନ୍ତି। ଡିଜିଲକର ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ରେଜଲ୍ ଜାଣିହେବ। **cisce.org** ଓ **results cisce.org**ରେ ରେଜଲ୍ଟ ଉପଲବ୍ଧ ହୋଇଛି।

ମୋର ସିଦ୍ଧରମେୟାଙ୍କ...

ତେବେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଶିବକୁମାର ଓ ସିଦ୍ଧରମେୟାଙ୍କ ମଧ୍ୟରେ ବିବାଦ ଚାଲିଥିବାର ଚର୍ଚ୍ଚା ଜୋର ଧରିଥିବାବେଳେ ଡିକେ ଶିବକୁମାର କହିଛନ୍ତି ଯେ ସିଦ୍ଧରମେୟାଙ୍କ ସହ ମୋର କିଛି ମତଭେଦ ଅଛି ବୋଲି ଯାହା କୁହାଯାଉଛି ତାହା ମିଛ । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଆମ ମଧ୍ୟରେ କୌଣସି ମତଭେଦ ନାହିଁ। ଅନେକ ଥର ମୁଁ ପାର୍ଟି ପାଇଁ ତ୍ୟାଗ କରିଛି ଏବଂ ସିଦ୍ଧରମେୟାଙ୍କ ସହିତ ଛିଡା ହୋଇଛି । ତେବେ ସିଦ୍ଧରମେୟାଙ୍କ ପୁଅ ଦେଇଥିବା ମନ୍ତବ୍ୟ ଉପରେ ଶିବକୁମାର ଶନିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶିବକୁମାର କହିଥିଲେ ଯେ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା କେବଳ ହାଇକମାଣ୍ଡ ସ୍ଥିର କରିବେ ।

ହଜଯାତ୍ରୀ ପ୍ରଶିକ୍ଷଣ ଶିବିର: ଉତ୍ତର ଓଡ଼ିଶାରୁ ମକ୍କା ଯିବେ ୧୮୪ ଜଣ

ବାଲେଶ୍ୱର, ୧୪/୦୫ (ନି.ପ୍ର): ସାଉଦି ଆରବର ମକ୍କାକୁ ହଜ ପାଇଁ ଉତ୍ତର ଓଡ଼ିଶାରୁ ଯାଉଥିବା ଇସଲାମ ଧର୍ମାବଲମ୍ବୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଟୀକାକରଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ହଜ କମିଟି ଓ ବାଲେଶ୍ୱରର 'ଖୁଦାମୁଲ ହୁଜାଜ କମିଟି'ର ମିଳିତ ସହଯୋଗରେ ସହରର ଭେନିଆ ପାରାଡାଇଜ୍ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ସଭାପତି ହାଜି କମାଲ ଜାଫର ପୌରୋହିତ୍ୟ କରିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, 'ରେବତୀ' ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା, ରାଜ୍ୟ ହଜ କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଲତାନ ଖାନ ପ୍ରମୁଖ ଏଥିରେ ଯୋଗ ଦେଇ ହଜ୍ ଯାତ୍ରୀଙ୍କର ମଙ୍ଗଳ ଯାତ୍ରା କାମନା କରିବା ସହିତ ବିଶ୍ୱ ଭାତୃତ୍ୱର ପ୍ରତୀକ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ସୟଦ ଅବଦୁଲ ସବୁହ ପ୍ରଶିକ୍ଷକ ଓ ଭଦ୍ରକର ସୟଦ ଅବଦୁଲ ମସଜୁଦ ଗାଇଡ ଭାବେ ଯୋଗଦେଇ ହଜ ଯାତ୍ରୀଙ୍କୁ ଯାତ୍ରାର ନିୟମାବଳି ସମ୍ପର୍କରେ ସଚେତନ କରିବା ସହ ହଜ ସମୟରେ ପାଳନ କରାଯାଉଥିବା ବିଭିନ୍ନ ପ୍ରକାର ନୀତି-ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଖୁଦାମୁଲ ହୁଜାଜ କମିଟିର ସମ୍ପାଦକ ଇନ୍ତେଖାବ ଅଲୀ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ହାଜି ମଇନୁଲ ଇସଲାମ ଓ ମହମ୍ମଦ ମୁକ୍ତାର ଅହମ୍ମଦଙ୍କ ସମେତ ହାଜି ସେଖ ଅବଦୁଲ ହନ୍ନାନ, ହାଜି ଜହରୁଲ ଇସଲାମ, ହାଜି ଆଲମ ଅଲ୍ଲୀ ଖାଁ ପ୍ରମୁଖ ଯୋଗଦେଇ ହଜ୍ ଯାତ୍ରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆଜିମ ବାଲେଶ୍ୱରୀ କୋରାନ ପାଠ ସହ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ମାଷ୍ଟର ଶେଖ ଆଜାଦ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଖୁଦାମୁଲ ହୁଜାଜ କମିଟିର ଉପ-ସଭାପତି ହାଜି ଶେଖ ଜମାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ବାଲେଶ୍ୱର ଜିଲାରୁ ୭୪ଜଣ, ଭଦ୍ରକରୁ ୯୦ଜଣ ଓ ମୟୂରଭଞ୍ଜ ଜିଲାରୁ ୨୦ ଜଣଙ୍କୁ ମିଶାଇ ମୋଟ ୧୮୪ ଜଣ ହଜଯାତ୍ରା କରିବାକୁ ଯିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଯାତ୍ରୀମାନେ ମେ ମାସ ୨୧ ତାରିଖରୁ ଜୁନ ୬ତାରିଖ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ମକ୍କା ଅଭିମୁଖେ ଯାତ୍ରା କରିବେ। ଜୁନ ୨୮ ତାରିଖରେ ହଜ୍ କରିବା ପରେ ସ୍ୱଦେଶ ପ୍ରତ୍ୟାବର୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶେଖ ସରାଫତ ଅଲ୍ଲୀ, ଶେଖ ବିଲାଲୁଦ୍ଦିନ, ଚିରାଗ ଚୌହାନ, ସଲିମ ସୁବାସା, ଅମଜଦ ହୁସେନ ପ୍ରମୁଖ ଆଜିର ଶିବିର ପରିଚାଳନା କରିଥିଲେ।

ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମେଜର ରମାରମଣ ପାଢୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୧୪/୦୫ (ନି.ପ୍ର): ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖାର ଆଲୋଚନା ବୈଠକ ସଭାପତି ଡ଼ଃ. ସୁବ୍ରତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଉଚ୍ଚ ଶିକ୍ଷା ବିଭାଗ ଦକ୍ଷିଣାଚଂଳ ସହ ନିର୍ଦ୍ଦେଶକ ତଥା କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ ନାଟ୍ୟକାର ସାହିତ୍ୟିକ, ଶିକ୍ଷାବିତ୍, ମେଜର ରମାରମଣ ପାଢ଼ୀ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଂଚାସିନ ହୋଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ ଯାଇଥିଲା। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ଅତିଥି ଆବାହନ କରିଥିଲେ। ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ କାଳ ନାଟକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଓଡ଼ିଶାର ସୁନାମ ଧନ୍ୟ ସଫଳ ନାଟ୍ୟକାର ମେଜର ରମା ରମଣ ପାଢ଼ୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା ପ୍ରଦାନ କରିଥିବାରୁ ଉତ୍କଳ ସମ୍ମିଳନୀର ସଭା ଅବସରରେ ମେଜର ପାଢୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବରିଷ୍ଠ କବୟିତ୍ରୀ ନିରବ ସାରସ୍ୱତ ସାଧିକା ଶ୍ରୀମତୀ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କୁ ମଧ୍ୟ ବରିଷ୍ଠ କବୟିତ୍ରୀ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କରିଥିବାରୁ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇ ସାହିତ୍ୟ ଏକାଡେମୀକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଏହି ଅବସରରେ ଅନ୍ୟତମ ଆଲୋଚକ ଭାବରେ ସଂସ୍କୃତି ତଥା ଲୋକକଳା ଗବେଷକ ଡକ୍ଟର ବାୟାମନୁ ଚର୍ଚ୍ଚି ମତବ୍ୟକ୍ତ କରିଥିଲେ ଯେ, ମେଜର ପାଢ଼ୀ ଆମ ଓଡ଼ିଆ ନାଟକର ଏକ ଯୁଗ ପ୍ରବର୍ତ୍ତକ। ତାଙ୍କର ଗବେଷଣାଧର୍ମି ନାଟକ ରଚନା ଶୈଳୀ ଅନନ୍ୟ । ଯଥାର୍ଥରେ ସେ ଦୀର୍ଘ ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନାଟକ ରଚନା କରିବା ସହ ଅଭିନିତ କରାଇ ନାଟକକୁ ଲୋକାଭିମୁଖୀ କରାଇ ପାରିଛନ୍ତି। ଅନ୍ୟତମ ଆଲୋଚକ ଡାକ୍ତର ଶଙ୍କର୍ଷଣ ପାତ୍ର ମଧ୍ୟ ତାଙ୍କ ଆଲୋଚନାରେ ଓଡ଼ିଆ ନାଟକ ସମ୍ପର୍କରେ ମତବ୍ୟକ୍ତ କରି ନାଟ୍ୟକାର ମେଜର ପାଢ଼ୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ମେଜର ପାଢ଼ୀ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ ଯେ, ଉତ୍କଳ ସମ୍ମିଳନୀ ଆମ ରାଜ୍ୟର ଏକ ମୁର୍ଦ୍ଧନ୍ୟ ସର୍ବଶ୍ରେଷ୍ଠ ଅନୁଷ୍ଠାନ ଆମ ଭାଷା ଓ ଓଡ଼ିଆ ଅସ୍ମିତାର ପରିଚାୟକ ଅଟେ। ସମ୍ମିଳନୀ ଜରିଆରେ ଆମ ପୂର୍ବ ସୂରୀ ଯେଉଁ ଅବଦାନ ଦେଇ ଯାଇଛ

ସୋମବାର, ମଇ ୧୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୂତନ ଅଳଙ୍କାର ସୋ'ରୁମ 'ଏସଜେ ଜୁଏଲାର୍ସ'ଉଦ୍‌ଘାଟିତ

ବାଲେଶ୍ୱର, ୧୪/୦୫ (ନି.ପ୍ର): ସହରର ଷ୍ଟେସନ ଛକରେ ଅତ୍ୟାଧୁନିକ ଅଳଙ୍କାର ସୋ-ରୁମ 'ଏସଜେ ଜୁୟେଲାର୍ସ' ରବିବାର ଉଦଘାଟିତ ହୋଇଯାଇଛି । ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଏହାକୁ ଉଦଘାଟନ କରିବା ସହ ନୂତନ ସୋ-ରୁମର ବ୍ୟବସାୟିକ ସଫଳତା କାମନା କରିଥିଲେ। କମ ମୂଲ୍ୟଯୁକ୍ତ ଅଳଙ୍କାର ବ୍ୟବହାରର ପସନ୍ଦ ରଖୁଥିବା ଗ୍ରାହକଙ୍କ ଚାହିଦା ପୂରଣରେ ଏସଜେ ଜୁୟେଲାର୍ସ ସହାୟକ ହେବ ବୋଲି ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ। 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ଷ୍ଟେସନ କ୍ଲବ ସଭାପତି ଗିରିଜା ଶଙ୍କର ଦାସ, ଯୁବ ବ୍ୟବସାୟୀ ଅୟନ ସେନ, ଶ୍ରମିକ ନେତା ବିକାଶ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ସହରରେ ଖୋଲିଥିବା ଏହି ସ୍ୱତନ୍ତ୍ର ଅଳଙ୍କାର ସୋ-ରୁମ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ମତପ୍ରକାଶ କରିଥିଲେ । ସୋ'ରୁମ ସତ୍ତ୍ୱାଧିକାରୀ ଶୈଳଜେମା ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସତ୍ୟନାରାୟଣ ଦାସ, ଶୈଳାବ ସତ୍ୟକାମ ଦାସ, ସ୍ୱୟଂଶ୍ରୀ ପଟ୍ଟନାୟକ, ସାବିତ୍ରୀ ଦାସ ଓ ସ୍ମୃତିରେଖା ଦାସ ପ୍ରମୁଖ ଉପସ୍ଥିତ ରହି ୱାନ ଓ ଟୁ ଗ୍ରାମ ଗୋଲ୍ଡ ପ୍ଲେଟେଡ ଅଳଙ୍କାରର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ ।

ସ୍ନାନ ପୂର୍ଣ୍ଣମୀରେ ପ୍ରତି ରଥର ଚାରିନାହାକା ଉଠିବ

ପୁରୀ, ୧୪/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣରେ ଲାଗି ପଡିଛନ୍ତି । ଶନିବାର ସଂନ୍ଧ୍ୟା ସୁଦ୍ଧା ତିନି ରଥର ୪୨ ଚକ ମଧ୍ୟରୁ ୨୭ଟି ଚକ ନିର୍ମାଣ ଶେଷ ହୋଇଛି । ଅବଶିଷ୍ଟ ୧୫ ଚକ ନିର୍ମାଣ ପାଇଁ ତୁମ୍ବ ଗୁଡିକରେ ଅର ଏବଂ ପହି ସଂଯୋଗ କରାଯାଉଛି । ତିନି ରଥ ପାଇଁ ୪ଟି ଲେଖାଏଁ ୨୦ ଫୁଟିଆ ଚଉତା କାଠର ଚଉପଟ ଶେଷ ହୋଇଛି। ଦୋଳବେଦି ଉପରେ ତାଳଧ୍ୱଜ ରଥର ପୋଲଗୟଳ ଚିରଟ କରାଯାଉଛି । ୧୨ଟି ଅଖ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଏହାଛଡା ରଥ ସିଂହାସନ, ଜୋଖା, ପ୍ରଭା ଅପସରା ନିର୍ମାଣ କରାଯାଉଛି । ରୂପକାର ସେବକଙ୍କ ଦ୍ୱାରା କୋଣଗୁଜରେ ସିଂହ ବିରାଳ, ନର ବିରାଳ ଏବଂ ହସ୍ତି ବିରାଳ ଆଦି ଖୋଦେଇ କାର୍ଯ୍ୟ ଜାରୀ ରହିଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସାରିବାକୁ ବିଶ୍ୱକର୍ମା ମହାରଣା ମାନେ ପ୍ରୟାସ ଜାରୀ ରଖିଛନ୍ତି । ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ କଂଟା, କବଜା ପ୍ରସ୍ତୁତ କରୁଛନ୍ତି । ଜୁନ୍ ୪ ତାରିଖ ସ୍ନାନ ପୂର୍ଣ୍ଣମୀରେ ପ୍ରତି ରଥର ଚାରିନାହାକା ଉଠିବ । ଏଠାରେ ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଅନୁକୂଳ ହୋଇଥିଲା । ଜୁନ୍ ୨୦ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ ।

ପ୍ରେମ ପୃଥିବୀର ସମ୍ବର୍ଦ୍ଧନା ଓ ବାର୍ଷିକ ପ୍ରେମ ପଖାଳ ମହୋତ୍ସବ

ପଦ୍ମଶ୍ରୀ ଜୟନ୍ତଙ୍କୁ 'ପରମ ପୁରୁଷ', ପ୍ରତିଭାଙ୍କୁ 'ପ୍ରେମ ପ୍ରକୃତି' ଓ ପବିତ୍ରଙ୍କୁ 'ପ୍ରେମ ପୁରୁଷ' ସମ୍ମାନ

ଭଦ୍ରକ, ୧୪/୦୫ (ନି.ପ୍ର): ମାଟି, ଆକାଶ ଓ ପୃଥିବୀ ସବୁକିଛି ପ୍ରେମମୟ। ପ୍ରେମ ଜୀବନର ଏମିତି ଏକ ବିରଳ ବିଭବ, ଯାହା ମଣିଷକୁ ସଫଳ ଓ ପରିପୂର୍ଣ୍ଣ କରିଥାଏ। ତ୍ୟାଗ ଓ କରୁଣା ପ୍ରେମ ମୁଦ୍ରାର ଦୁଇ ପାର୍ଶ୍ୱ। ପ୍ରାପ୍ତି ଓ ଅପ୍ରାପ୍ତିର ଲୁଚକାଳି ଖେଳ ଭିତରେ ଭତିଶୀଳ ଏହି ପୃଥିବୀ ବାସ୍ତବରେ ଏକ ପ୍ରେମର ପୃଥିବୀ ବୋଲି ସାହିତ୍ୟ ପତ୍ରିକା 'ପ୍ରେମ ପୃଥିବୀ'ର ବାର୍ଷିକ ସାରସ୍ୱତ ସଭା ଓ ପ୍ରେମ ପଖାଳ ମହୋତ୍ସବରେ ମତ ପ୍ରକାଶ ପାଇଛି। ଏହି ଅବସରରେ ବିଶିଷ୍ଟ କବି ପଦ୍ମଶ୍ରୀ ଡ. ଜୟନ୍ତ ମହାପାତ୍ରଙ୍କୁ 'ପ୍ରେମମୟ ପରମ ପୁରୁଷ', କବି ଡ. ପ୍ରତିଭା ରାୟଙ୍କୁ 'ପ୍ରେମ ପ୍ରକୃତି' ଓ କଥାକାର ପବିତ୍ର ପାଣିଗ୍ରାହୀଙ୍କୁ 'ପ୍ରେମ ପୁରୁଷ' ସମ୍ବର୍ଦ୍ଧନା ସହ ନିରାକାର ଦାସଙ୍କୁ ପ୍ରେମ ପୃଥିବୀ କବିତା ସମ୍ମାନ ଓ ସୁନିଲ ମିଶ୍ର ମୈତ୍ରେୟଙ୍କୁ ପ୍ରେମ ପୃଥିବୀ କଥା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆରଡ଼ି ଛକସ୍ଥିତ ପ୍ରେମନଗର ପରିସରରେ ସୁଲେଖକ ଅଧ୍ୟାପକ ବିଶ୍ୱରଂଜନଙ୍କ ପୌରହିତ୍ୟରେ ଆୟୋଜିତ ଏହି ଅପାରମ୍ପରିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ବିକାଶ ଦାସ, ଡ. ସୁଲେଖ ଛୋଟରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଆରମ୍ଭରେ ପ୍ରେମ ପୃଥିବୀ ସଂପାଦକ କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଓ କବି କିଶୋର ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ହରମୋହନ କୁଅଁର ମଞ୍ଚ ଆମନ୍ତ୍ରଣ କରିଥିବାବେଳେ, ଅର୍ନ୍ତଯ୍ୟାମୀ ମହାରଣା, ଯୋଗ୍ୟଶ୍ରୀ ସାମଲ, ଗୟାଧର ପଣ୍ଡା, ଚୈତାଳୀ ଖିଲାର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ପ୍ରେମ ପୃଥିବୀର ଗ୍ରୀଷ୍ମ ସଂଖ୍ୟା, କିଶୋର ମିଶ୍ରଙ୍କ ଚନ୍ଦ୍ରରାଗ, ଅନ୍ନପୂର୍ଣ୍ଣ ପଣ୍ଡାଙ୍କ 'ଶତ କଦମ୍ବ ଓ ଅନ୍ୟାନ୍ୟ କବିତା' ପୁସ୍ତକ ଲୋକାର୍ପିତ ହୋଇଥିଲା। ଶେଷରେ ରୋ. ଅଭିଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ପ୍ରେମ କବିତା ପାଠୋତ୍ସବର ସଂଚାଳନା କରିଥିଲେ ଚିନ୍ତାମଣୀ ମହାଳିକ, ସାରଥୀ ପଣ୍ଡା, ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ। ବାବାଜୀ ଚରଣ ପଣ୍ଡା, ଗୁରୁପ୍ରସାଦ ପଣ୍ଡା, ଅବିନାଶ ପଣ୍ଡା, ଗୌରାଙ୍ଗ ବାରିକ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ। ଭଦ୍ରକ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଯୋଗ ଦେଇଥିବା ଦେଢ଼ଶହରୁ ଊର୍ଦ୍ଧ୍ୱ ସାହିତ୍ୟିକ ଓ ବୁଦ୍ଧିଜୀବୀ ସଭାପରେ ଅନୁଷ୍ଠିତ ପ୍ରେମ ପଖାଳ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ ହୋଇଥିଲେ।

ସନ୍ଦେହଘେରରେ ଯୁବତୀଙ୍କ ମୃତ୍ୟୁ

ଖଇରା, ୧୪/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସୁନ୍ଦରପୁର ଗ୍ରାମର ଗଜେନ୍ଦ୍ର ମହାନ୍ତିଙ୍କ ଝିଅ ମିନତିଲତା ମହାନ୍ତି(୨୯) ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଛନ୍ତି । ଶନିବାର ଅପରାହ୍ନରେ ମିନତୀଲତାଙ୍କ ମୃତ ଶରୀର ଶୋଇବା ଘରେ ଝୁଲୁଥିବା ନେଇ ପରିବାର ଦେଖିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ଏହି ଆକସ୍ମିକ ମୃତ୍ୟୁ କୁ ନେଇ କିଛି ଗ୍ରାମବାସୀ ହତ୍ୟା ବୋଲି କହୁଥିବା ବେଳେ ଆଉକିଛି ଆତ୍ମହତ୍ୟା ପାଇଁ ତାଙ୍କୁ ମାନସିକ ଓ ଶାରିରୀକ ସ୍ତରରେ ଚାପ ପ୍ରଦାନ କରାଯାଇଥିବା କହିଛନ୍ତି । ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା(୧୬/୨୩) ରୁଜୁ କରିଛି ।

ସୁଧାକୋଣ୍ଡା ଜଙ୍ଗଲରେ କଲଭର୍ଟ ତଳୁ ଟିଫିନ ବୋମା ଉଦ୍ଧାର

ମାଲକାନଗିରି, ୧୪/୦୫ (ନି.ପ୍ର): ମାଓବାଦୀଙ୍କ ପକ୍ଷରୁ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଛନ୍ତି ଯବାନ । ମାଲକାନଗିରି ଏମଭି-୭୯ର ସୁଧାକୋଣ୍ଡା ଜଙ୍ଗଲରେ ଏକ କଲଭର୍ଟ ତଳେ ଯବାନଙ୍କୁ ଟାର୍ଗେଟ୍ କରି ଟିଫିନ ବୋମା ଖଞ୍ଜିଥିଲେ ମାଓବାଦୀ । ସର୍ଚ୍ଚ ଅପରେସନ ବେଳେ ବିଏସଏଫ ୧୪୨ ବାଟାଲିଅନର ଯବାନ ମାନେ ଏହି ଟିଫିନ ବୋମାକୁ ସେଠାରେ ଠାବ କରିବା ସହ ଏହାକୁ ନିଷ୍କ୍ରିୟ କରିଛନ୍ତି । ଫଳରେ ଏକ ବଡ ଧରଣର ଅଘଟଣରୁ ଅଳ୍ପକ ବର୍ତିଯାଇଛନ୍ତି ଯବାନ ।

ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟ ମଂଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବିଧାୟକ

ନୀଳଗିରି , ୧୪/୦୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ସର୍ବାଙ୍ଗୀନ ବିକାଶରେ ଯିଏ ନିଜକୁ ସଦାସର୍ବଦା ଉତ୍ସର୍ଗ କରି ସାଧାରଣ ଜନତାଙ୍କ ସୁଖ ଦୁଃଖର ସାଥୀ ହୋଇ ନୀଳଗିରିକୁ ଆଗକୁ ବଢ଼ାଇବାର ସ୍ୱପ୍ନ ଦେଖୁଛନ୍ତି, ଯିଏ ଭାଷଣରେ ନୁହେଁ କର୍ମରେ ବିଶ୍ୱାସ କରନ୍ତି ସେହି କର୍ମବୀର ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ପ୍ରଚେଷ୍ଟାରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରେ ନୂଆ ନୂଆ ସଡକ ହେବା ସହ ଉନ୍ନତି ଓ ପ୍ରଶସ୍ତି ହେବାକୁ ଯାଉଛି । ବିଶେଷ କରି ଆଦିବାସୀ ବହୁଳ ନୀଳଗିରି ବ୍ଲକକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରେ ସାମିଲ କରିବାରେ ଶ୍ରୀ ନାୟକଙ୍କ ପ୍ରଚେଷ୍ଟା ଅନାସ୍ୱୀକାର୍ଯ୍ୟ । ବିରୋଧୀ ବିଜେପି ଦଳର ବିଧାୟକ ଥାଇ ମଧ୍ୟ ନୀଳଗିରିବାସୀ ଙ୍କ ହକ ପାଇଁ ସରକାରଙ୍କ ଠାରେ ଦାବୀ କରି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଯୋଜନା ଆଣିବାରେ ସକ୍ଷମ ହୋଇଥାନ୍ତି । ଏବେ ବିଧାୟକଙ୍କ ପ୍ରଚେଷ୍ଟାରେ ଅନ୍ୟ ଏକ ଫର୍ଦ ଯୋଡି ହୋଇଛି । ଭାଲୁକାଶୁଣି ନରଣପୁର ମାଟିଆଳି ରାସ୍ତା ଏବଂ ମାଟିଗଡା ବେତେଇ ରାସ୍ତାର ଉନ୍ନତି ଏବଂ ପ୍ରଶସ୍ତିକରଣ ପାଇଁ ପୂର୍ତ୍ତବିଭାଗକୁ ହସ୍ତାନ୍ତିକରଣ ସହ ୧୦ଗୋଟି ପଞ୍ଚାୟତ ସମିତି ରାସ୍ତାକୁ ଗ୍ରାମ୍ୟଉନ୍ନୟନ ବିଭାଗକୁ ହସ୍ତାନ୍ତର ମଧ୍ୟରେ ପଞ୍ଚଲିଙ୍ଗେଶ୍ୱର ସାଇକେଲ ଷ୍ଟାଣ୍ଡ ରୁ ଗୋପ ଏବଂ କଣ୍ଡିଆଟିକର, ବଡ଼ଗାଁ ୟୁ. ଜି ଏମ ଇ ସ୍କୁଲ ବନମହାଦେବ ମନ୍ଦିର ଭାୟା ଉପରପାଟଣା ଖସାଗଡ଼ିଆ ଜଗତିରା ଏବଂ ମାହଲସାହି ରାସ୍ତା, ନୂଆପଡ଼ା ଏନ. ଏଚ ରୁ ଅତାପୁର ଭାୟା ରଘୁନାଥପୁରପାଟଣା



ଚଗଏଝଣ ରାସ୍ତା, ଚଣ୍ଡୀପୁର ଚଡଉ ରାସ୍ତାରୁ ମହିଷାପଟା ମହାଦେବସାହି ଭାୟା କାଠଗୋଛି, ଜକ୍ଷମୁଡ଼ିହା ପଞ୍ଚାୟତ ଛକ ରୁ ବୈଷ୍ଣବବନ୍ଧ ଆଶ୍ରମ ସ୍କୁଲ ଭାୟା ହାତୀମୁଣ୍ଡା ତେରେଲଡିହି, ବଉଳାଛକ ରୁ ମନ୍ଦିଆ ବେଗୁନିଆ, କଳକାଦ ଚଡଉ ରାସ୍ତା ରୁ ଆମ୍ବଝର ଭାୟା ଆସନବଣୀ ଟିଆକଟା, କାନପୁର ଅମାଥଛକରୁ ଦଲଦଲି ଚଗଏଝଣ ରାସ୍ତା ଭାୟା କଇଁଥ ଛକ, ବାଙ୍କିପଦା ଚନ୍ଦନ ପୋଖରୀ ରାସ୍ତା ଭାୟା ବିରସାହୀ-ଚିନ୍ନାମଣିପୁର, ଉପରଡିହା ଜଉ ରାସ୍ତା ମାଟିଆଳି ନଟାପଡ଼ା ଛକ ଭାୟା -ଚଷୁଣୀକୁଲା ରାସ୍ତା କୁ କାର୍ଯ୍ୟକାରୀ କରିବାରେ ବିଧାୟକଙ୍କ ପ୍ରଚେଷ୍ଟା ଅତୁଳନୀୟ । ଏସବୁ ପ୍ରକଳ୍ପକୁ ରାଜ୍ୟସରକାର ମଂଜୁର କରିଥିବାରୁ ବିଧାୟକ ଶ୍ରୀ ନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି । ଅପରପକ୍ଷରେ ନୀଳଗିରି ଜନସାଧାରଣ ବିଧାୟକଙ୍କ ଏଭଳି ପ୍ରଚେଷ୍ଟା ଏବଂ ଦୃଢ଼ଇଚ୍ଛାଶକ୍ତିକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ନୀଳଗିରି ପାଇଁ ଅନେକ କିଛି କରନ୍ତୁ ବୋଲି ଆଶାକରିଛନ୍ତି ।

ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

ଖଇରା, ୧୪/୦୫ (ନି.ପ୍ର): ଆଦର୍ଶ ଶିକ୍ଷକ, ସମାଜସେବୀ, ପରିବେଶବିତ,କର୍ମଯୋଗୀ ତଥା କବି ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବିଜୟ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଜେଭିସିସି କେନ୍ଦ୍ରରେ ଅନୁଷ୍ଠିତ ହୋଇ ଯାଇଛି । ଚିନ୍ତାମଣି ସାହାଣି ଏଥିରେ ଅଧ୍ୟକ୍ଷତା କରିଥିଲେ ।ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ସନ୍ତୋଷ କୁମାର ଶତପଥି,ଉମେଶ କୁମାର ନାୟକ,ମାୟାଧର ନାୟକ,ବ୍ରଜେନ୍ଦ୍ର ନାଥ ଗିରି,କବି ପଦ୍ମୀ ସରସ୍ୱତୀ ପଣ୍ଡା,ଭରତ ଚନ୍ଦ୍ର ପଣ୍ଡା,ସରପଞ୍ଚ ପ୍ରତିନିଧି ସୁଦର୍ଶନ ସେଠୀବୁଦ୍ଧିରାମ ପାଣିଗ୍ରାହୀ,ଗୋବିନ୍ଦ ଚନ୍ଦ୍ର ପଣ୍ଡା,ଜଗଦାନନ୍ଦ ମହାପାତ୍ର, ମୁକ୍ତିକାନ୍ତ ଶତପଥି,ଡ ଭଗବାନ ବେହେରା ପ୍ରମୁଖ ସ୍ମୃତି ଚାରଣ କରି ଶ୍ରାଦ୍ଧବାର୍ଷିକୀ ପାଳନରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ପ୍ରାକ୍ତନ ଜିଲାପାଳ ନିରଞ୍ଜନ ସାହୁ,ସମ୍ପାଦକ ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ବ୍ରଜ ମୋହନ ମିଶ୍ର,ସହ ସମ୍ପାଦକ ଭାବେ ନରହରି ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସ୍ମରଣିକା ପ୍ରକାଶନ ପାଇଁ ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା । ଧନଞ୍ଜୟ ପଣ୍ଡା,ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

ପୌରପାଳିକା ପକ୍ଷରୁ ହେବ ଇ-ଭାଇକେଲ ଚାର୍ଜିଙ୍ଗ ଷ୍ଟେସନ

ବାରିପଦା, ୧୪/୦୫ (ନି.ପ୍ର): ବାରିପଦା ପୌରପାଳିକା ପକ୍ଷରୁ ସହରର ବିଭିନ୍ନଗାଡିମଟର ପାର୍କିଂ ସ୍ଥାନରେ ଖୋଲା ହେବ ଇଲେକ୍ଟ୍ରିକ୍ ଗାଡ଼ି ଚାର୍ଜିଙ୍ଗ ଷ୍ଟେସନ । ଏନେଇ ପୌରପାଳିକା ପକ୍ଷରୁ ୱାର୍ଡନମ୍ବର ୧ ଅଞ୍ଚଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବାରିପଦା ପୌରପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସହରର କେତେକ ସ୍ଥାନରେ ଇଲେକ୍ଟ୍ରିକ୍ ଗାଡ଼ି ଚାର୍ଜିଙ୍ଗ ଷ୍ଟେସନ ନିର୍ମାଣ ହେଉଛି ବୋଲି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି । ସହରର ସୌନ୍ଦର୍ଯ୍ୟ କରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠାଦୋକାନୀ ମାନଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ ପ୍ରସ୍ତୁତ କରାଯାଉଛି । ଯାହାକୁ ନେଇ ଘୋଡାଶାଳ ବନ୍ଧ ନିକଟରେ ପୌରପାଳିକା ପକ୍ଷରୁ ଖାଲି ସ୍ଥାନରେ ବିସ୍ଥାପିତଙ୍କୁ ଥଇଥାନ କରିବା ପାଇଁ ଭେଣ୍ଡିଂ ଜୋନ, ପାର୍କିଂ ସ୍ଥଳ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶିଳାନ୍ୟାସ ଅନୁଷ୍ଠିତ ହୋଇଛି । ଏଥ ସହିତ ଇ - ଭାଇକେଲ ଚାର୍ଜିଙ୍ଗ ଷ୍ଟେସନ ଖୋଲା ଯିବ । ବର୍ତ୍ତମାନ ସମୟରେ ସରକାର ଇଲେକ୍ଟ୍ରିକ ଗାଡିକୁ ପ୍ରସାହୋନ ଯୋଗାଉଥିବା ବେଳେ ପୌରପରିଷଦ ପକ୍ଷରୁ ଇଲେକ୍ଟ୍ରିକ ଭେଇକିଲ ପାଇଁ ଚାର୍ଜିଙ୍ଗ ପଏଣ୍ଟ ନିର୍ମାଣ କୁ ଜନସାଧାରଣ ରେ ପ୍ରଶଂସା କରାଯାଇଛି। ସର୍ବସାଧାରଣ ଲୋକେ ଏଠାରେ ନିଜ ଗାଡିକୁ ସହଜରେ ଚାର୍ଜ କରିପାରିବେ।

ଯୁବନେତାଙ୍କ ପକ୍ଷରୁ ବିଶେଷ ବନ୍ଧୁ ମିଳନ ପର୍ବ

ବାଲେଶ୍ୱର, ୧୪/୦୫ (ନି.ପ୍ର): ଯୁବନେତା ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଏକ ବିଶେଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଫାଣ୍ଟାସି ହୋଟେଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ସାମ୍ବାଦିକଙ୍କୁ ନେଇ ଆୟୋଜିତ ଏହି ବନ୍ଧୁମିଳନ ପର୍ବରେ ସାମ୍ବାଦିକତା ଓ ସ୍ଥାନୀୟ ବିକାଶ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, କମଳାକାନ୍ତ ପତି, ସାମ୍ବାଦିକ ତଥା ପିସିସି କର୍ମକର୍ତ୍ତା ସତ୍ୟପ୍ରକାଶ ନାୟକ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଣ୍ଡାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବାଲେଶ୍ୱରର ବିକାଶ ସାଙ୍ଗକୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଶ୍ରୀ ପଣ୍ଡା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥଲେ। ଅନ୍ୟପକ୍ଷରେ ଗଣମାଧ୍ୟମ ଓ ସାମ୍ବାଦିକତାର ସାମ୍ପ୍ରତିକ ସ୍ଥିତିକୁ ନେଇ ସେମାନେ ଉଦବେଗ ପ୍ରକାଶ କରିଥିଲେ। ଗଣମାଧ୍ୟମ ଅନୁଷ୍ଠାନଗୁଡ଼ିକ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେବା ଫଳରେ ସାମ୍ବାଦିକଙ୍କୁ ଚାପରେ ରହି କାର୍ଯ୍ୟ କରିବାକୁ ପଡୁଛି। ଏହି ଧାରା ଜାରି ରହିଲେ ଆଗାମୀ ଦିନରେ ସାମୂହିକ ସ୍ୱାର୍ଥ ରକ୍ଷାରେ ବାଧା ଉପୁଜିବା ସହିତ ସାମ୍ବାଦିକତା କ୍ଷେତ୍ର ପାଇଁ ବିପଦ ସୃଷ୍ଟି ହେବ ବୋଲି ଅତିଥିମାନେ ଆଶଙ୍କା ପ୍ରକାଶ କରିଥିଲେ। ଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହିତ ବାଲେଶ୍ୱରର ବିକାଶ ପାଇଁ ସବୁ ମହଲରୁ ପ୍ରୟାସ ହେବା ଉଚ